୬ ▶ ୨୭ ହଜାର ରନ କ୍ଲବ୍‌ରେ ସାମିଲ ହେଲେ ବିରାଟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
ସମ୍ବାଦ କଳିକା TM
E-mail : sambadkalikanews@gmail.com
The Sambad Kalika
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୨୪୫ ● ୧ ଅକ୍ଟୋବର ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-245 ● 1st October 2024, Tuesday ● Bhubaneswar
Licensed to post without pre-payment of postage No- BN-60/22-24

### ଭରତପୁର ଥାନା ମାମଲା : ଆରମ୍ଭ ହେଲା ବିଚାରବିଭାଗୀୟ ତଦନ୍ତ

# ଆଜିଠାରୁ ୨୧ ଦିନ ପର୍ଯ୍ୟନ୍ତ ସତ୍ୟପାଠ ଗ୍ରହଣ

ଭୁବନେଶ୍ୱର, ୩୦।୯
ନ୍ୟୁଜ୍ ବ୍ୟୁରୋ

ଭରତପୁର ଥାନାରେ ମେଜର ଗୁରୁବଂଶ ସିଂ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ବିଚାର ବିଭାଗୀୟ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ମାମଲାର ତଦନ୍ତ କରୁଥିବା ଜଷ୍ଟିସ ଚିତ୍ତରଞ୍ଜନ ଦାସ ସୋମବାର ତଦନ୍ତ କମିଶନଙ୍କ ପ୍ରଥମ ବୈଠକ କରିଛନ୍ତି। ଏହି ବୈଠକରେ ପୁଲିସ ଡିଜି ୱାଇ ବି ଖୁରାନିଆ ଓ ଗୃହ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ବୈଠକ ପରେ କମିଶନଙ୍କ ସଚିବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଭରତପୁର ଥାନା ମାମଲାକୁ ନେଇ ସତ୍ୟପାଠ ଆହ୍ୱାନ କରାଯିବ। ସତ୍ୟପାଠ ନେଇ *(ପୃଷ୍ଠା ୭ରେ)*







## ନିଲମ୍ବିତ ଆଇଆଇସିଙ୍କ ସମେତ ୫ ପୁଲିସଙ୍କ ଆଗୁଆ ଜାମିନ ଆବେଦନ

ଭୁବନେଶ୍ୱର, ୩୦।୯ : ନ୍ୟୁଜ୍ ବ୍ୟୁରୋ

ଭରତପୁର ଥାନାରେ ଭାରତୀୟ ସେନାର ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ମାମଲାରେ ଗିରଫ ଭୟ ଆଶଙ୍କା କରି ନିଲମ୍ବିତ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ସମେତ ଭରତପୁର ଥାନାର ୫ ପୋଲିସ୍ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି ।

ସୂଚନା ଅନୁସାରେ ତତ୍କାଳୀନ ଥାନାଧିକାରୀ ଦୀନକୃଷ୍ଣ ମିଶ୍ରଙ୍କ ସମେତ ଅନ୍ୟ ୪ ନିଲମ୍ବିତ ପୁଲିସ କର୍ମଚାରୀଙ୍କ ପଲିଗ୍ରାଫ ଟେଷ୍ଟ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଥିଲା। ପଲିଗ୍ରାଫ ଟେଷ୍ଟ ପାଇଁ କ୍ରାଇମବ୍ରାଞ୍ଚକୁ ଅନୁମତି ଦେଇଥିଲେ ଏସଡିଜେଏମ କୋର୍ଟ । ପଲିଗ୍ରାଫ ସହ ଆବଶ୍ୟକ ସ୍ଥଳେ ଲାଏ ଡିଟେକ୍ସନ ଓ ବ୍ରେନ ମ୍ୟାପିଂ ଟେଷ୍ଟ ହୋଇପାରେ ବୋଲି କ୍ରାଇମବ୍ରାଞ୍ଚ ପୂର୍ବରୁ କହିଥିଲା।

### ପଞ୍ଚାୟତିରାଜ ମନ୍ତ୍ରୀଙ୍କ ବଡ଼ ଘୋଷଣା

# ବାପା ଠାରୁ ପୁଅ ଭିନେ ହୋଇଥିଲେ ପାଇବ ପ୍ରଧାନମନ୍ତ୍ରୀ ଆବାସ

ଭୁବନେଶ୍ୱର, ୩୦।୯
ନ୍ୟୁଜ୍ ବ୍ୟୁରୋ

ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ସୋମବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ବଡ଼ ବୟାନ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ପରିବାରରେ ବାପା ଠାରୁ ପୁଅ ଭିନେ ହୋଇ ଅଲଗା ପରିବାର କରିଥିଲେ ବି ଘର ମିଳିବ । ପୂର୍ବ ସରକାରରେ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯିବ।

ସେ ଆହୁରି ମଧ୍ୟ କହିଛନ୍ତି, ଯୋଗ୍ୟ ହିତାଧିକାରୀଙ୍କୁ ୬ ମାସ ଭିତରେ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟାଦେଶ ଦିଆଯିବ। ଏହି ପ୍ରକ୍ରିୟାରେ ୨୦ରୁ ୨୨ ଲକ୍ଷ ହିତାଧିକାରୀଙ୍କୁ ଘର ମିଳିବ । ହିତାଧିକାରୀ ଚୟନରେ ତ୍ରୁଟି ରହିଲେ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଅନେକ ଯୋଜନା ଦେଶର ନାଗରିକଙ୍କ ପାଇଁ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ। ଦେଶର କୋଟି କୋଟି ଲୋକ ସରକାରୀ ଯୋଜନାର ଲାଭ ଉଠାନ୍ତି । ନିଜର ଏକ ଘର ରହିବା ସମସ୍ତଙ୍କ ଜୀବନରେ ଏକ ବଡ଼ ସ୍ୱପ୍ନ । କିନ୍ତୁ ଅନେକ ଲୋକ ଘର କରିବା ପାଇଁ ପର୍ଯ୍ୟାପ୍ତ ପୁଞ୍ଜି ସଂଗ୍ରହ କରିବାରେ ଅସମର୍ଥ । ଏହିପରି ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ।

୨୦୧୫ରେ ଭାରତ ସରକାରଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନା ଅଧୀନରେ ଲାଭ ପାଇବା ପାଇଁ କିଛି ଯୋଗ୍ୟତା ମାନଦଣ୍ଡ ସ୍ଥିର କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଲାଭ ପାଇବାକୁ ଆବେଦନକାରୀଙ୍କ ବାର୍ଷିକ ପାରିବାରିକ ଆୟ ୩ ଲକ୍ଷରୁ ଅଧିକ ହେବା ଉଚିତ ନୁହେଁ।

୩ ଲକ୍ଷରୁ କମ୍ ଆୟ ଥିବା ଲୋକମାନେ ଏହି ଯୋଜନାରେ ଲାଭ ପାଇପାରିବେ। ଯେଉଁମାନଙ୍କ ପାଖରେ ଚାଳ ଘର ଅଛି ସେମାନଙ୍କୁ ପକ୍କା ଘର ନିର୍ମାଣ ପାଇଁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଦିଆଯିବ।

ଏହି ଯୋଜନାରେ ୨.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସବସିଡି ସରକାର ଯୋଗାଇ ଦେଉଛନ୍ତି । ଏହି ଯୋଜନା ଅଧୀନରେ ପ୍ରାପ୍ତ ପ୍ରଥମ କିସ୍ତି ହେଉଛି ୫୦ ହଜାର ଟଙ୍କା, ଦ୍ୱିତୀୟ କିସ୍ତି ହେଉଛି ୧.୫ ଲକ୍ଷ ଏବଂ ଶେଷ ଅର୍ଥାତ୍ ତୃତୀୟ କିସ୍ତି ହେଉଛି ୫୦ ହଜାର ଟଙ୍କା।





## ୨ ଦିନିଆ ଝାଡ଼ଖଣ୍ଡ ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଭୁବନେଶ୍ୱର, ୩୦।୯
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୨ ଦିନିଆ ଝାଡ଼ଖଣ୍ଡ ଗସ୍ତରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିମାନ ବନ୍ଦରରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଝାଡଖଣ୍ଡ ଗସ୍ତ କରିଛନ୍ତି । ପଶ୍ଚିମ ସିଂହଭୂମର ଜଗନ୍ନାଥପୁରରେ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

### ରାଜ୍ୟସ୍ତରୀୟ ପୋଷଣ ମାସ-୨୦୨୪ ଉତ୍ସବ ପାଳିତ

# ତୃଣମୂଳସ୍ତରରେ ଶିଶୁଙ୍କୁ ପୋଷଣଯୁକ୍ତ ଖାଦ୍ୟ ଦିଆଯିବ





ଭୁବନେଶ୍ୱର, ୩୦।୯ : ନ୍ୟୁଜ୍ ବ୍ୟୁରୋ

ସୋମବାର ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ପୋଷଣ ମାସ-୨୦୨୪ ଉତ୍ସବ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ତୃଣମୂଳସ୍ତରର କର୍ମକର୍ତ୍ତାମାନଙ୍କୁ ପୋଷଣ ଅଭିଯାନର ଯୋଦ୍ଧା ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶାକୁ କୁପୋଷଣ ମୁକ୍ତ କରିବା ପାଇଁ ଗାଁ ଗାଁରେ ଜନସଚେତନତା ସୃଷ୍ଟି କରିବା ସହ ପୋଷଣ ଅଭିଯାନରେ ସେମାନଙ୍କୁ ଆତ୍ମୀୟତା ସହିତ କାର୍ଯ୍ୟ କରିବାକୁ ପଡିବ ବୋଲି ସେ କହିଥିଲେ । ଜିଲ୍ଲାସ୍ତରୀୟ ଅପପୁଷ୍ଟି ସମସ୍ୟାର କାରଣ ଓ ନିରାକରଣ ବିଷୟ ଉପରେ ବିଶେଷ ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଥିଲେ । ମଧ୍ୟମ ପୁଷ୍ଟିହୀନତାକୁ ଓଡିଶାରୁ ସମ୍ପୂର୍ଣ୍ଣ ଭାବେ ମୂଳପୋଛ ଲକ୍ଷ୍ୟରେ ଜିଲ୍ଲାସ୍ତରୀୟ ଢାଞ୍ଚା ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପୋଷଣ ପାଇଁ ଆଞ୍ଚଳିକ ଖାଦ୍ୟ ସହ ଖାଦ୍ୟ ବିବିଧତାକୁ ପ୍ରାଧାନ୍ୟ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । *(ପୃଷ୍ଠା ୭ରେ)*

### ଭଦ୍ରକ ଓ ଧାମନଗରରେ ସ୍ଥିତି ନିୟନ୍ତ୍ରଣାଧୀନ

# ଧାରା ୧୬୩ କୋହଳ : ଗିରଫ ହେଲେଣି ୨୭

ଭଦ୍ରକ, ୩୦।୯ : ନ୍ୟୁଜ୍ ବ୍ୟୁରୋ

ସାମାଜିକ ଗଣମାଧ୍ୟମରେ ବିବାଦୀୟ ପୋଷ୍ଟକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ଭଦ୍ରକ ଓ ଧାମନଗରରେ ସୃଷ୍ଟି ହୋଇଥିବା ବିବାଦ ଏବେ ନିୟନ୍ତ୍ରଣକୁ ଆସିଛି। ଏହି ଗଣ୍ଡଗୋଳରେ ସମ୍ପୃକ୍ତଙ୍କ ମଧ୍ୟରୁ ସୋମବାର ସୁଦ୍ଧା ଧାମନଗର ଓ ଭଦ୍ରକ ପୁରୁଣାବଜାର ପୁଲିସ ୨୭ ଜଣଙ୍କୁ ଗିରଫ କରିଥିବା ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ ନାୟକ ସୂଚନା ଦେଇଛନ୍ତି। ଉଭୟ ସହରରେ ଲାଗୁ ହୋଇଥିବା ଧାରା ୧୬୩ କୋହଳ କରାଯାଇଛି। ସକାଳ ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବା ପାଇଁ ଅନୁମତି ଦିଆଯାଇଛି। କୌଣସି ସ୍ଥାନରେ *(ପୃଷ୍ଠା ୭ରେ)*

DSPL-129
NATIONAL HEALTH MISSION
ODISHA STATE



ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ
୧ ଅକ୍ଟୋବର ୨୦୨୪

ରାଜ୍ୟ ରକ୍ତ ସଂଚାରଣ ପରିଷଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ
- ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା
- ନିରାପଦ ରକ୍ତ ସଂଚାରଣ ସୁନିଶ୍ଚିତ କରିବା
- ରକ୍ତ କେନ୍ଦ୍ରଗୁଡିକୁ ଆବଶ୍ୟକ ଭିତ୍ତିଭୂମି, ସାମଗ୍ରୀ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବା
- ଜାତୀୟ ରକ୍ତ ନୀତିକୁ ଅନୁସରଣ କରି କାର୍ଯ୍ୟକାରୀ କରିବା

ଆପଣ ବି ଜଣେ ସ୍ୱେଚ୍ଛାକୃତ ରକ୍ତଦାତା ହୋଇପାରିବେ ଯଦି ଆପଣଙ୍କର;
- ବୟସ ୧୮ ରୁ ୬୫ ବର୍ଷ ମଧ୍ୟରେ
- ଶରୀରର ଓଜନ ୪୫ କି.ଗ୍ରା.ରୁ ଅଧିକ
- ନାଡିର ଗତି ପ୍ରତି ମିନିଟ ୬୦ରୁ ୧୦୦ ମଧ୍ୟରେ ଅଛି ଓ ନିୟମିତ ଅଛି
- ରକ୍ତଚାପ ସିଷ୍ଟୋଲିକ ୧୦୦ରୁ ୧୪୦ ମି.ମି. ଓ ଡାୟାଷ୍ଟୋଲିକ ୬୦ରୁ ୯୦ ମି.ମି. ମଧ୍ୟରେ ଅଛି
- ହିମୋଗ୍ଲୋବିନ୍‌ର ସ୍ତର ଅତି କମରେ ୧୨.୫ ଗ୍ରା.ରୁ ଅଧିକ ଅଛି
- ପାଟିର ତାପମାତ୍ରା ୩୭ ଡିଗ୍ରି ସେଲସିୟସରୁ ଅଧିକ ନାହିଁ

ଥାଲାସିମିଆ, ସିକିଲ୍‌ସେଲ୍, ହେମୋଫିଲିଆ ଆଦି ରୋଗୀମାନଙ୍କୁ ଚିକିତ୍ସାଳୟକୁ ଯାତାୟାତ ନିମନ୍ତେ ମାସିକ ୫୦୦ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି ।

ଅଧିକ ସୂଚନା ପାଇଁ ଜିଲ୍ଲା/ଉପଖଣ୍ଡ ସ୍ତରୀୟ ରକ୍ତ ଭଣ୍ଡାର କିମ୍ବା ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ, ଭୁବନେଶ୍ୱର ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR : 10003/13/0078/2425

### ଏକାଳ ସକାଳ



ଘର କଳି ଏବେ ଦାଣ୍ଡରେ ଗଡୁଛି
ଏମିତି କାହିଁକି ହୁଅ
ଗୋହି ଖୋଳାଖୋଳି ନିଇତି ଡ୍ରାମା
ବହେ ଷଡଯନ୍ତ୍ର ସୁଅ
ଏ ଭଲ କଥା ନୁହଁ
ହାରିବା ଭୂତଟା ଏମିତି ଲାଗିଛି
ଛାଡି ଯାଉନାହିଁ ଦେହ।

## ସୁଭଦ୍ରା ଟଙ୍କା ସହ ମିଳିବ ବଡ଼ ପୁରସ୍କାର

ଭୁବନେଶ୍ୱର, ୩୦।୯
ନ୍ୟୁଜ୍ ବ୍ୟୁରୋ

ସୁଭଦ୍ରା ଯୋଜନାକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବଡ଼ ସୂଚନା ଦେଇଛନ୍ତି । ଏଣିକି ସୁଭଦ୍ରା ଆବେଦନକାରୀଙ୍କୁ ଟଙ୍କା ସହ ପୁରସ୍କାର ମଧ୍ୟ ମିଳିବ। ଦ୍ୱିତୀୟ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ପାଇଁ ଲାଗି ରହିଥିବା କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ଦ୍ୱିତୀୟ ପର୍ଯ୍ୟାୟ ସୁଭଦ୍ରା ଟଙ୍କା ଅକ୍ଟୋବର ୯ରେ ଆସିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏ ନେଇ ସୂଚନା ଦେଇଛନ୍ତି। ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ହିତାଧିକାରୀଙ୍କୁ ଦିଆଯିବ। ବାରିପଦାରେ ଆୟୋଜିତ ସଭାରେ *(ପୃଷ୍ଠା ୭ରେ)*

## ଦାୟିତ୍ୱ ନେଲେ ନୂଆ ପୋଲିସ୍ କମିଶନର ସୁରେଶ ଦେବଦତ୍ତ ସିଂହ



ଭୁବନେଶ୍ୱର, ୩୦।୯ : ନ୍ୟୁଜ୍ ବ୍ୟୁରୋ

ସୋମବାର ଟୁଇନ୍‌ସିଟି କଟକ-ଭୁବନେଶ୍ୱରର ନୂତନ ପୋଲିସ୍ କମିଶନର ଭାବେ ସୁରେଶ ଦେବଦତ୍ତ ସିଂହ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଦାୟୀ ପୋଲିସ୍ କମିଶନର ସଞ୍ଜୀବ ପଣ୍ଡା ତାଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର କରିଥିଲେ। ୧୯୯୮ ବ୍ୟାଚ ବରିଷ୍ଠ ଆଇପିଏସ ଦେବଦତ୍ତ ସିଂହ ସୋମବାର ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ଗଣମାଧ୍ୟମକୁ କହିଛନ୍ତି ପୁଲିସ ଏକ ସାଙ୍ଗେ କଠୋର ଓ ନରମ ଆଭିମୁଖ୍ୟ ଗ୍ରହଣ କରିବ । ଅପରାଧୀଙ୍କ ପ୍ରତି କଠୋର ଓ ଲୋକଙ୍କ ପ୍ରତି ନରମ ମନୋଭାବ ପୋଷଣ କରିବ। ପୁଲିସ ଥାନାକୁ ଆସୁଥିବା ଲୋକଙ୍କ ପ୍ରତି ପୁଲିସ ସମ୍ବେଦନଶୀଳ ରହିବ । ଆଇନ ପରିସରରେ ରହି *(ପୃଷ୍ଠା ୭ରେ)*

# ଚନ୍ଦ୍ର ପୃଷ୍ଠରେ ବି ପଡିଲା ଲକ୍ ଡାଉନର ପ୍ରଭାବ !





ନୂଆଦିଲ୍ଲୀ, ୩୦।୯

୨୦୨୦ରେ କରୋନା ମହାମାରୀ ସମଗ୍ର ବିଶ୍ୱରେ ଆତଙ୍କ ଖେଳାଇ ଦେଇଥିଲା। ଏହି ସମୟ ମଧ୍ୟରେ ସମଗ୍ର ବିଶ୍ୱରେ ଲକ୍ ଡାଉନ କରାଯାଇଥିଲା। ତେବେ ଏହି ଲକ୍ ଡାଉନର ପ୍ରଭାବ ଚନ୍ଦ୍ର ପୃଷ୍ଠ ପର୍ଯ୍ୟନ୍ତ ପହଞ୍ଚିଛି ବୋଲି କୁହାଯାଇଛି । ଭାରତୀୟ ଅନୁସନ୍ଧାନକାରୀମାନେ ମଧ୍ୟ ଏହାର ଅନୁସନ୍ଧାନରେ ଏହାର ପ୍ରମାଣ ପାଇଛନ୍ତି। ରୟାଲ ଜ୍ୟୋତିର୍ବିଜ୍ଞାନ ସୋସାଇଟିର ମାସିକ ବିଜ୍ଞପ୍ତିରେ ପ୍ରକାଶିତ ଏକ ଅଧ୍ୟୟନରେ କୁହାଯାଇଛି ଯେ ଏପ୍ରିଲ-ମେ ୨୦୨୦ର କଡ଼ା ଲକ ଡାଉନ ସମୟରେ ଚନ୍ଦ୍ରର ଭୂପୃଷ୍ଠ ତାପମାତ୍ରାରେ ଏକ ଅସାଧାରଣ ହ୍ରାସ ଘଟିଛି।

ଫିଜିକାଲ ରିସର୍ଚ୍ଚ ଲାବୋରେଟୋରୀ (ପିଆରଏଲ) ର ଗବେଷକ ଦୁର୍ଗା ପ୍ରସାଦ ଏବଂ ଜି ଆମ୍ବିଲି ୨୦୧୭ରୁ ୨୦୨୩ମଧ୍ୟରେ ଚନ୍ଦ୍ରର ନିକଟବର୍ତ୍ତୀ ୬ଟି ସ୍ଥାନରେ ରାତି ସମୟର ତାପମାତ୍ରା ବିଶ୍ଳେଷଣ କରିଥିଲେ। ଏହି ସମୟ ମଧ୍ୟରେ ସେମାନେ *(ପୃଷ୍ଠା ୭ରେ)*



## ଡିସେମ୍ବର ୧ରୁ ମୟୂରଭଞ୍ଜ ମହୋତ୍ସବ

# ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯୋଗଦେବେ ବଲିଉଡ୍ ତାରକା

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ଡିସେମ୍ବର ୦୧ ତାରିଖରୁ ଆରମ୍ଭ ହୋଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ମୟୂରଭଞ୍ଜ ମହୋତ୍ସବ ଏହି ଅବସରରେ ବାରିପଦା ସ୍ୱସ୍ତିକ ମଣ୍ଡପ ଠାରେ ମୟୂରଭଞ୍ଜ ମହୋତ୍ସବ ଆୟୋଜକ କମିଟିର ସଭାପତି ଅସିତ୍ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୭ମ ମୟୂରଭଞ୍ଜ ମହୋତ୍ସବର ପ୍ରସ୍ତୁତି ବୈଠକରେ ଏହି ଘୋଷଣା କରାଯାଇଛି । ପ୍ରଥମ ଦିନରେ ପ୍ରତିବର୍ଷ ଭଳି ଜିଲ୍ଲାର ବିଭିନ୍ନ କଳାକାରମାନଙ୍କୁ ନେଇ ପାରମ୍ପାରିକ ନୃତ୍ୟ ଗୀତରେ ତାଳେତାଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ଛଉ ପଡ଼ିଆ ପର୍ଯ୍ୟନ୍ତ ଆୟୋଜିତ ହେବ କାରନିଭାଲ ସୋ। ଡିସେମ୍ବର ୦୨ ତାରିଖରୁ ୧୦ ଦିନ ଧରି ବାରିପଦାର ଐତିହାସିକ ଛଉ



ପଡ଼ିଆରେ ଅନୁଷ୍ଠିତ ହେବ ମହୋତ୍ସବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସିନେ ଜଗତର ବହୁ ନାମୀଦାମୀ କଳାକାର ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବଲିଉଡ୍‌ର ସୁନାମଧନ୍ୟ ଗାୟିକା କବିତା କୃଷ୍ଣମୂର୍ତ୍ତି ଶେଷ ଦିନରେ ମୁଖ୍ୟ ଆକର୍ଷଣ ସାଜିବେ। ଚଳିତ ବର୍ଷ ୩ ଦିନ ସ୍ୱତନ୍ତ୍ର ଆଦିବାସୀ କାର୍ଯ୍ୟକ୍ରମ, ୩ ଦିନ ଓଡ଼ିଆ କାର୍ଯ୍ୟକ୍ରମ ସାଙ୍ଗକୁ ୨ ଦିନ କୁଡ଼ୁମାଳି କାର୍ଯ୍ୟକ୍ରମ ଏବଂ ଶେଷ ଦୁଇ ଦିନ ବଲିଉଡ୍ ଷ୍ଟାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି । ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତି ସହ ଅନ୍ୟ ଜିଲ୍ଲାମାନଙ୍କର କଳାର ଆଦାନ ପ୍ରଦାନର ବ୍ୟବସ୍ଥା କରାଯାଇଛି । ଏହି ମହୋତ୍ସବରେ ମୟୂରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପରୁ ଆରମ୍ଭ କରି କୁଟୀର ଶିଳ୍ପ, ପୋଷାକ, ଘରକରଣା ସାମଗ୍ରୀ ଏବଂ ପାରମ୍ପାରିକ ଖାଦ୍ୟ ମୁଢ଼ି ମାଂସ ସହ ଅନ୍ୟାନ୍ୟ ଖାଦ୍ୟର ପ୍ରଦର୍ଶନୀ ଏବଂ ବିକ୍ରୟ ପାଇଁ ୨୦୦ରୁ ଊର୍ଦ୍ଧ୍ୱ ଷ୍ଟଲ୍ ଖୋଲିବ। ଏଥି ସହିତ ଚଳିତ ଥର ପ୍ରଥମ କରି ମହୋତ୍ସବ କମିଟି ପକ୍ଷରୁ ବାରିପଦା ଷ୍ଟାଡ଼ିୟମ୍‌ଠାରେ ଆକର୍ଷଣୀୟ ପୁରସ୍କାର ରାଶୀ ସହ ଜିଲ୍ଲା ସ୍ତରୀୟ ଫୁଟ୍‌ବଲ୍ ଓ ଲାଖବିନ୍ଧା ପ୍ରତିଯୋଗିତା ଏବଂ ମୟୂରଭଞ୍ଜର ପର୍ଯ୍ୟଟନ ସ୍ଥଳୀ, ହସ୍ତତନ୍ତ୍ର କାର୍ଯ୍ୟ ଓ ଅନ୍ୟାନ୍ୟ ମୟୂରଭଞ୍ଜ ଝଲକ ଥିବା ବିଷୟ ବସ୍ତୁ କୁ ନେଇ ରିଲସ ପ୍ରତିଯୋଗୀତା ମଧ୍ୟ ଅନୁଷ୍ଠିତ ହେବ। ଚଳିତ ବର୍ଷରୁ ମହୋତ୍ସବ କମିଟି ପକ୍ଷରୁ ନୂତନ ଭାବେ ବାର୍ଷିକ ସ୍ମରଣିକା ପ୍ରକାଶ ପାଇବ ବୋଲି ସ୍ମରଣିକା କମିଟି ମୁଖ୍ୟ ତଥା ଆଇନଜୀବୀ ବିଭୂପ୍ରସାଦ ଦାସ ସୂଚନା ପ୍ରଦାନ କରିଛନ୍ତି । ଏହି ପ୍ରସ୍ତୁତି ବୈଠକରେ ସମଗ୍ର ଜିଲ୍ଲାର ଚାରିଗୋଟି ଉପଖଣ୍ଡରୁ ୨୦୦ରୁ ଅଧିକ ସଦସ୍ୟ ଯୋଗଦାନ କରିଥିଲେ।

## ‘ହିନ୍ଦୀ’ ଭାଷାର ବିକାଶ ଘଟିଲେ ଦେଶ ଏକତା ସୂତ୍ରରେ ବାନ୍ଧି ହେବ’

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଏନ୍.ଏସ୍.ପୁଲିସ ହାଇସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘର ସଭାପତି ଅଶୋକ କୁମାର ନାଥଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ଅନନ୍ତ ନାଏକ ଯୋଗ ଯୋଗ ଦେଇ ହିନ୍ଦୀ ଭାଷାର ବିକାଶ ଦ୍ୱାରା ଦେଶ ଏକତା ସୂତ୍ରରେ ବାନ୍ଧି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବରଗଡ଼ ଜିଲ୍ଲାର ହିନ୍ଦୀ ଶିକ୍ଷକ ସଦାଶିବ କର ଯୋଗ ଦେଇ ହିନ୍ଦୀ ଭାଷାର ସବୁ କ୍ଷେତ୍ରରେ ବ୍ୟବହାର ପାଇଁ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ସି.ଟି.ଜି. ଫାଉଣ୍ଡେସନର ଅଧ୍ୟକ୍ଷ ଡଃ ରାଜେନ୍ଦ୍ର କୁମାର ପଲେଇ ଯୋଗଦେଇ ହିନ୍ଦୀ ଭାଷାକୁ ସମସ୍ତେ ଆପଣାଇବାକୁ ଆହ୍ୱାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆଇ.ସି. ଆଇ.ସି.ଆଇ.ର ପ୍ରବନ୍ଧକ ଅନିରୁଦ୍ଧ



ସା ଯୋଗଦେଇ ହିନ୍ଦୀ ଭାଷାର ବ୍ୟବହାର ଦ୍ୱାରା ରାଜ୍ୟ ରାଜ୍ୟ ମଧ୍ୟରେ ଭାଷାଗତ ବ୍ୟବଧାନ ଦୂର ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କ୍ଷେତ୍ରୀୟ ନିର୍ଦ୍ଦେଶକ ଭୁବନେଶ୍ୱର ଡଃ ସତ୍‌ବୀର ସିଂହ, ବିଶ୍ୱଭାରତୀ ଶାନ୍ତିନିକେତନର ପ୍ରଫେସର ଡଃ ସନତ ରଥ, ଏନ୍.ଏସ୍. ପୁଲିସ ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀ ଯୋଗଦେଇ ଛାତ୍ରଛାତ୍ରୀ ପ୍ରାଥମିକ ସ୍ତରରୁ ହିନ୍ଦୀ ଭାଷା ଶିକ୍ଷା ଲାଭ କରିବା ସହିତ ଏହାର ବ୍ୟାପକ ବ୍ୟବହାର କରିବାକୁ ଉତ୍ସାହିତ କରିଥିଲେ। ହିନ୍ଦୀ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି କମଳ ଲୋଚନ ପ୍ରଧାନ ସ୍ୱାଗତ ଭାଷଣ ଓ ସଂପାଦକୀୟ ପାଠ ପ୍ରଦାନ କରିଥିଲେ। ଅବସର ପ୍ରାପ୍ତ ହିନ୍ଦୀ ଶିକ୍ଷକ ନରହରି ପାଣିଗ୍ରାହୀ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷୟିତ୍ରୀ ଲୀଳା ପଢ଼ିଆରୀଙ୍କୁ ମାନପତ୍ର ଓ ଉପଢୌକନ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ହିନ୍ଦୀ ତର୍କ ଓ ସଙ୍ଗୀତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଶେଷରେ ହିନ୍ଦୀ ଶିକ୍ଷକ କଳାକର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ହିନ୍ଦୀ ଶିକ୍ଷକ,ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

## ଧାନ ଚାଷରେ ଅଜଣା ରୋଗ : ଚାଷୀ ହତାଶ

**ପାଟଣା, ନ୍ୟୁଜ୍‌ବ୍ୟୁରୋ**

ଘଟଗାଁ ବ୍ଲକ ଅନ୍ତର୍ଗତ ତୋରାଣିପୋଖରୀ ପଞ୍ଚାୟତ ପୋଇପାଣି ଓ ଆଖପାଖ ଗ୍ରାମରେ ଧାନ ଚାଷରେ ଅଜଣା ରୋଗ ଦେଖା ଦେଇଛି । ଅନିୟମିତ ବର୍ଷା ସତ୍ତ୍ୱେ ଚାଷୀମାନେ ବହୁ କଷ୍ଟରେ ଧାନ ଚାଷ କରୁଥିବା ବେଳେ ଧାନ ଗଛର ପତ୍ରଗୁଡ଼ିକ ଲାଲ ପଡ଼ିଯାଉଥିବା ଦେଖାଯାଉଛି । ଅଧିକାଂଶ ପତ୍ର ମୋଡ଼ି ହୋଇଯାଉଛି । ଚାଷୀ ମାନଙ୍କ ଏକର ଏକର ଜମିରେ ଏଭଳି ସ୍ଥିତି ଦେଖି ଚାଷୀମାନେ ରୋଗ ପ୍ରତିଷେଧକ ପକାଇ ମଧ୍ୟ କିଛି ସୁଫଳ ପାଉନାହାନ୍ତି । ଏନେଇ ବାରମ୍ବାର କୃଷି ବିଭାଗକୁ ଜଣାଇଲେ ମଧ୍ୟ କୃଷି ବିଭାଗ ଚୁପଚାପ୍ ବସି ଥିବା ଅଭିଯୋଗ ହୋଇଛି । ସୂଚନା ଯୋଗ୍ୟ ଯେ ପୋଇପାଣୀ ଅଞ୍ଚଳରେ ବହୁ ଅଗ୍ରଣୀ ଚାଷୀଥିବାବେଳେ ଜଳ-ସେଚନ ସୁବିଧା ଥିବାରୁ ଘଟଗାଁ ବ୍ଲକର ଏହି ଅଞ୍ଚଳରୁ ସର୍ବାଧିକ ଧାନ ଉତ୍ପାଦିତ ହୋଇଥାଏ । ଏହି ଅଜଣା ରୋଗର କାରଣ ଅନୁଧ୍ୟାନ କରି ଚାଷୀମାନଙ୍କୁ ସମାଧାନର ରାସ୍ତା ଦେଖାଇବା ଦିଗରେ କାର୍ଯ୍ୟ ନକଲେ ଚାଷୀମାନେ କ୍ଷତି ସହିବେ। ତେଣୁ ଯଥା ଶୀଘ୍ର କୃଷି ବିଭାଗ ସମସ୍ୟା ପ୍ରତି ନଜର ଦେବାକୁ ଦାବି ହୋଇଛି ।

## କାର୍ ଧକ୍କାରେ ମହିଳା ମୃତ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଏକ କାର୍ ଧକ୍କାରେ ବ୍ରହ୍ମପୁର ବିଜିପୁର ନିକଟ ସନ୍ତୋଷୀ ମା’ ମନ୍ଦିର ନିକଟ ରାସ୍ତା କଡ଼ରେ ବସି ଫୁଲ ଓ ନଡ଼ିଆ ବିକୁଥିବା ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଗୋଲାନ୍ଥରା ଥାନା ଅନ୍ତର୍ଗତ ପାଲୁର୍ ଅଞ୍ଚଳର ବାସନ୍ତୀ ନାୟକ (୫୦)। ଆଜକୁ ୧୦ ବର୍ଷ ହେବ ବାସନ୍ତୀ ଏହି ଛକରେ ଥିବା ଏକ ପୋଲ ତଳେ ବସି ଫୁଲ ଓ ନଡ଼ିଆ ବିକ୍ରି କରୁଥିଲେ। ଦିନ ସାଢ଼େ ୧୧ଟା ବେଳେ ଏକ କାର୍ ଗୋସାଇଁନୂଆଗାଁ ଆଡୁ ଆସି ବାସନ୍ତୀଙ୍କୁ ସମ୍ମୁଖ ପଟୁ ଧକ୍କା ଦେଇଥିଲା। ବାସନ୍ତୀ ବସିଥିବା ଅବସ୍ଥାରେ ସେହି ପୋଲରେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଟାଉନ୍ ଥାନା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

# କରଞ୍ଜିକୁ ଆଦର୍ଶ କୃଷି ଗ୍ରାମରେ ପରିଣତ କରିବା ପାଇଁ ପ୍ରୟାସ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକର କରଞ୍ଜି ଗ୍ରାମକୁ ଏକ ଆଦର୍ଶ କୃଷି ଗ୍ରାମରେ ପରିଣତ କରାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ପୁନଃଜୀବୀ କୃଷି ପଦ୍ଧତି ଆଧାରରେ ଉକ୍ତ ଗ୍ରାମର ମାଟି, ପାଣି ଓ ପବନକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ସଲିଡ଼ରିଡାଡ୍ ଓ ଶରତ କର ଏବଂ ଅନିମା କର ଫାଉଣ୍ଡେସନ ତରଫରୁ ଏହି ଅଭିନ୍ନ ପ୍ରୟାସ ଆରମ୍ଭ କରାଯାଇଛି । କରଞ୍ଜି ଠାରେ ଅନୁଷ୍ଠିତ ହୋଇଥିବା ଆଦର୍ଶ କୃଷି ଗ୍ରାମ ବୈଠକରେ ଟାଙ୍ଗୀ ଚୌଦ୍ୱାର ପଞ୍ଚାୟତ ସମିତିର ମଣ୍ଡଳ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଭାଗ ଓ ଗ୍ରାମ ପଞ୍ଚାୟତର ସକ୍ରିୟ ସହଯୋଗରେ କୃଷି ଓ କୃଷକର ସର୍ବାଙ୍ଗୀନ ବିକାଶ ସଙ୍ଗେ ସଙ୍ଗେ ମହିଳା ଉଦ୍ୟୋଗୀ ସୃଷ୍ଟି ଉପରେ ଗୁରୁତ୍ୱ ଆରୋପ କରିଥିଲେ। କାର୍ଯ୍ୟକ୍ରମର ବିସ୍ତୃତ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରି, ସଲିଡାରିଡାଡ୍‌ର ଓଡ଼ିଶା କାର୍ଯ୍ୟକ୍ରମ ମୁଖ୍ୟ ଜ୍ଞାନରଞ୍ଜନ ଷଡ଼ଙ୍ଗୀ ପୁନଃଜୀବୀ କୃଷି ପଦ୍ଧତି ମାଧ୍ୟମରେ ମୃତ୍ତିକା ସ୍ୱାସ୍ଥ୍ୟର ଅଭିବୃଦ୍ଧି, ଜଳର ସଠିକ ପରିଚାଳନା ଓ ଫସଲ ବିବିଧତା ଉପରେ



ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି, ଜୈବିକ କୃଷି, ଗୋପାଳନ, ଘାସଚାଷ, ଫୁଲଚାଷ, ଛେଳି ଚାଷ, ପୃଷ୍ଟି ବଗିଚା, ଉଦ୍ୟାନ କୃଷି, ଅଣସଂଗଠିତ ଶ୍ରମିକମାନଙ୍କ ପଞ୍ଜୀକରଣ, ସ୍ୱାସ୍ଥ୍ୟ ସୁରକ୍ଷା ଓ ଅନ୍ୟାନ୍ୟ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାଶ୍ୱତ କୁମାର ଜେନା, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଜ୍ୟୋତିରଞ୍ଜନ ସାହୁ, ପ୍ରାଣୀ ଚିକିତ୍ସକ ଡକ୍ଟର ରଶ୍ମିରଂଜନ ନାୟକ, ଅତିରିକ୍ତ ଶ୍ରମ ଅଧିକାରୀ ତୃପ୍ତିମୟୀ ଖଟୁଆ, କୃଷି ବିଜ୍ଞାନ କେନ୍ଦ୍ର, କଟକର ମୁଖ୍ୟ ଡକ୍ଟର ରଞ୍ଜନ କୁମାର ମହାନ୍ତ, ଜୀବିକା ମିଶନର ବ୍ଲକ ପରିଚାଳକ ପ୍ରମୋଦିନୀ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ସରପଞ୍ଚ ମହେଶ୍ୱର ମହାନ୍ତ, ସମିତି ସଭ୍ୟ ଅଜିତ ନାୟକ, ଶରତ କର ଓ ଅନିମା କର ଫାଉଣ୍ଡେସନର ସଂଯୋଜକ ଶୁଭେନ୍ଦୁ ସାମଲ ପ୍ରମୁଖ ଉପସ୍ଥିତି ରହି ଆଦର୍ଶ କୃଷି ଗ୍ରାମରେ ହେବାକୁ ଥିବା କାର୍ଯ୍ୟ ଖସଡ଼ା ଉପରେ ଆଲୋକପାତ କରିଥିଲେ। କର ଗ୍ରାମର ଅଗ୍ରଣୀ କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବରିଷ୍ଠ ବ୍ୟକ୍ତିମାନେ ଓ ଯୁବବନ୍ଧୁ ପ୍ରମୁଖଙ୍କ ସମେତ ସ୍ମାର୍ଟ ଏଗ୍ରି ପ୍ରକଳ୍ପର କାର୍ଯ୍ୟକର୍ତ୍ତା ଚିନ୍ମୟ କୁମାର ବେହେରା, ଉତ୍ତମ ବେଉରା, ତପନ ଦାସ, କାର୍ତ୍ତିକ ନାୟକ, ଓ ଶୁଭଶ୍ରୀ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଶ୍ୱରେ ଶାନ୍ତି ରକ୍ଷା କ୍ଷେତ୍ରରେ ପର୍ଯ୍ୟଟନର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପର୍ଯ୍ୟଟନ ଏବଂ ଭ୍ରମଣ ଅଧ୍ୟୟନ ବିଭାଗ ତରଫରୁ ବିଶ୍ୱ ପର୍ଯ୍ୟଟନ ଦିବସ ୨୦୨୪ ଅବସରରେ ଏକ ଉତ୍କୃଷ୍ଟ ବିଶେଷ ବ୍ୟାଖ୍ୟାନର ଆୟୋଜନ କରାଯାଇଥିଲା। ଏହି ବର୍ଷର ବିଶ୍ୱ ପର୍ଯ୍ୟଟନ ଦିବସର ବିଷୟ ବସ୍ତୁ ଥିଲା ପର୍ଯ୍ୟଟନ ଏବଂ ଶାନ୍ତି, ଯାହା ପର୍ଯ୍ୟଟନରେ ଶାନ୍ତି, ସାମ୍ପ୍ରଦାୟିକ ମିଳନ ଏବଂ ବିଶ୍ୱ ସମ୍ପୃକ୍ତିରେ ପର୍ଯ୍ୟଟନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆଲୋକପାତ କରେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ, ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ଏହି ବ୍ୟାଖ୍ୟାନରେ ଉପସ୍ଥିତ ରହି ପର୍ଯ୍ୟଟନ ଏବଂ ଶାନ୍ତି ବିଷୟରେ ତାଙ୍କର ମତାମତ ଉପସ୍ଥାପନା କରିଥିଲେ। ଏହି ଅବସରରେ ବିଶିଷ୍ଟ ଅତିଥି ନାରାୟଣ ମହାକୁଡ଼, ଗଞ୍ଜାମ ପର୍ଯ୍ୟଟନ ବିଷୟରେ ତାଙ୍କ ଚିନ୍ତାଧାରାର ଆଦାନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ଡା. ସୁନିଲ କୁମାର ପଟ୍ଟନାୟକ, ଓଡ଼ିଶାରେ ବୌଦ୍ଧଧର୍ମ ପର୍ଯ୍ୟଟନର ସମ୍ଭାବନା ଏବଂ ଏହା କିପରି ଶାନ୍ତିକୁ ପ୍ରଭାବିତ କରିପାରେ ତା ଉପରେ ଏକ ମନୋମୁଗ୍ଧକାରୀ ବ୍ୟାଖ୍ୟାନ ପ୍ରଦାନ କରି ଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ଅସାଧାରଣ ସହଯୋଗ ରହିଥିଲା, ଯାହା ଫଳରେ ଏହି ପର୍ଯ୍ୟଟନ ଦିବସ ପାଳନ କାର୍ଯ୍ୟକ୍ରମ ନିର୍ବିଘ୍ନ ଭାବେ ସଫଳ ହୋଇପାରିଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଥମ ବର୍ଷର ଛାତ୍ରୀ ସିମ୍ରନ ସାହୁ ପରିଚାଳନା କରିଥିଲେ ଏବଂ ଶେଷରେ ଦ୍ୱିତୀୟ ବର୍ଷର ଛାତ୍ରୀ ମିସ୍ ରିତୁପର୍ଣ୍ଣା ପଲାଉରି ଅତିଥି, ଅଧ୍ୟାପକଗଣ, ଆୟୋଜକ ଦଳ ଏବଂ ଅଂଶଗ୍ରହଣ କରିଥିବା ବିଦ୍ୟାର୍ଥୀ ମାନଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମକୁ ଏକ ବିଶାଳ ସଫଳତା ପ୍ରଦାନ କରିଥିଲେ। ଏହା ସହିତ ପର୍ଯ୍ୟଟନ ଏବଂ ଭ୍ରମଣ ଅଧ୍ୟୟନ ବିଭାଗ, ମିଡ଼ିଆ ଅଂଶଗ୍ରହଣକାରୀମାନଙ୍କ ଯୋଗଦାନକୁ ସ୍ୱାଗତ କରିଥିଲା, ଯେଉଁଥିରେ ମିଡ଼ିଆ ଗୁଡ଼ିକର ଉତ୍କୃଷ୍ଟ ରିପୋର୍ଟିଂ ଫଳରେ ପର୍ଯ୍ୟଟନ ଏବଂ ଶାନ୍ତି ବିଷୟର ବାର୍ତ୍ତା ବହୁଦୂର ପ୍ରଚାର ପାଇଁ ସହାୟକ ହେବ। ଏହି ବିଶେଷ ବ୍ୟାଖ୍ୟାନ କାର୍ଯ୍ୟକ୍ରମକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପର୍ଯ୍ୟଟନ ଏବଂ ଭ୍ରମଣ ଅଧ୍ୟୟନ ବିଭାଗ ଏକ ଅନନ୍ୟ ଉପାୟରେ ଆୟୋଜନ କରିଥିଲା। ବିଭାଗର ସଂଯୋଜକ ମିସ୍ ରିତୁ ତିୱାରି, ସହ ପ୍ରାଧ୍ୟାପକ ଡା. ଇକ୍‌ବାଲ୍ ଅହମଦ୍ ଭଟ୍, ସହ ପ୍ରାଧ୍ୟାପିକା ମିସ୍ କଳ୍ପନା ବେହେରା ଏବଂ ଅତିଥି ଅଧ୍ୟାପକ ଡା. ରଞ୍ଜିତ ସିଂହଙ୍କ ସହ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ମିଶି ଏହି ଆୟୋଜନକୁ ସଫଳ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପର୍ଯ୍ୟଟନ ଏବଂ ଭ୍ରମଣ ଅଧ୍ୟୟନ ବିଭାଗ ତରଫରୁ ବିଶ୍ୱ ପର୍ଯ୍ୟଟନ ଦିବସ ୨୦୨୪ ଅବସରରେ ଏକ ଉତ୍କୃଷ୍ଟ ବିଶେଷ ବ୍ୟାଖ୍ୟାନର ଆୟୋଜନ କରାଯାଇଥିଲା।

# ମେଧାବୀ ଛାତ୍ରୀ ଅନନ୍ୟାଙ୍କୁ ‘ଶୈକ୍ଷିକ ଉତ୍କର୍ଷ’ ସମ୍ମାନ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ରାଣୀଭୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରୁ ୨୦୨୩-୨୪ ଶିକ୍ଷାବର୍ଷରେ କୃତିତ୍ୱର ସହ ୯୫% ରଖି ସିବିଏସଇ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣା ମେଧାବୀ ଛାତ୍ରୀ ଅନନ୍ୟା ପଟ୍ଟନାୟକଙ୍କୁ ସ୍କୁଲ ପକ୍ଷରୁ ‘ଶୈକ୍ଷିକ ଉତ୍କର୍ଷ ସମ୍ମାନ’ ପ୍ରଦାନ କରାଯାଇଛି । ଶିକ୍ଷାଗ୍ରହଣ କ୍ଷେତ୍ରରେ ତାଙ୍କର ଉତ୍ସର୍ଗୀକୃତ ମନୋଭାବ ତଥା ସବୁ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପୂର୍ବକ ସ୍କୁଲର ଗୌରବ ବୃଦ୍ଧି କରିଥିବାରୁ ସ୍ମୃତିଫଳକ ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି । ଅନନ୍ୟାଙ୍କ ପାଇଁ ତାଙ୍କ ପିତାମାତା ଓଏଭି ରାଣୀଭୋଳ (ବାରିପଦା)ର ଅଧ୍ୟକ୍ଷ ବିଭୂତିଭୂଷଣ ମଣ୍ଡଳଙ୍କ ଠାରୁ ଏହି ‘ଆକାଡେମିକ ଏକ୍ସଲେନ୍ସ ଆୱାର୍ଡ’ ଗ୍ରହଣ କରିଥିଲେ। ସୂଚନାଥାଉକି, ଅନନ୍ୟା ଭୁବନେଶ୍ୱର ‘ଆଇକନିକ ଓଏଭି’ର ଏକାଦଶ ଶ୍ରେଣୀ ପାଇଁ ୨୦୨୪-୨୫ ପ୍ରବେଶିକା ପରୀକ୍ଷାରେ ୧୦୧ତମ



ସ୍ଥାନ ସହ ଉଲ୍ଲେଖନୀୟ କୃତିତ୍ୱ ହାସଲ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଥିଲେ। ଓଡ଼ିଶାର ୩୧୪ ବ୍ଲକର ସମସ୍ତ ଆଦର୍ଶ ବିଦ୍ୟାଳୟର ୧୪ ଶହ ମେଧାବୀ ଛାତ୍ରଛାତ୍ରୀ ରାଜ୍ୟର ଏକମାତ୍ର ଭୁବନେଶ୍ୱର ‘ଆଇକନିକ ଓଏଭି’ର ପ୍ରବେଶିକା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ମାତ୍ର ୫ଶହ ମନୋନୀତ ହେଲେ। ପିଲାଟିବେଳୁ ଜଣେ ମେଧାବୀ ଛାତ୍ରୀ ଭାବେ ପରିଚିତା ଅନନ୍ୟା ସବୁ ଶ୍ରେଣୀରେ ପ୍ରଥମ ହେବା ସହ ଅନ୍ୟାନ୍ୟ ସବୁ କ୍ଷେତ୍ରରେ କୃତିତ୍ୱ ହାସଲ କରିଆସିଛନ୍ତି। କେନ୍ଦୁଝରର ବିଶିଷ୍ଟ ଆଇନଜୀବୀ ଡ. ସନ୍ଦୀପ ପଟ୍ଟନାୟକ ଓ ଗୃହିଣୀ ସଂଗୀତା ଦେବୀଙ୍କ ସୁକନ୍ୟା ଅନନ୍ୟା ନିଜ ସଫଳତାର ଶ୍ରେୟ ପିତାମାତା, ଆତ୍ମୀୟସ୍ୱଜନ, ଅଧ୍ୟକ୍ଷ, ଶିକ୍ଷକ/ଶିକ୍ଷୟିତ୍ରୀ, ଶୁଭେଚ୍ଛୁଗଣ ଓ ସର୍ବୋପରି ଈଶ୍ୱରଙ୍କୁ ଦିଅନ୍ତି। ଭବିଷ୍ୟତରେ ଚିକିତ୍ସା ବିଜ୍ଞାନ ଅଧ୍ୟୟନ କରି ଜଣେ ବିଶେଷଜ୍ଞ ଡାକ୍ତର ବନି ସମାଜ ସେବା ଓ ଦେଶ ଗଠନରେ ନିଜକୁ ଉତ୍ସର୍ଗ କରିବେ ବୋଲି ଅନନ୍ୟା ଜୀବନର ଲକ୍ଷ୍ୟ ରଖିଛନ୍ତି।

# ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ପଦକ୍ଷେପ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

କୋମଳମତି ଛାତ୍ର ଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣାବଳିର ବିକାଶ ଲାଗି ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ସମଗ୍ର ରାଜ୍ୟରେ ଶିଶୁ ମହୋତ୍ସବ ‘ସୁରଭି’-୨୦୨୪ଆୟୋଜିତ ହେଉଛି । ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ କନକା କ୍ଲଷ୍ଟର ପକ୍ଷରୁ ସ୍ଥାନୀୟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଡିମିରିଆ ଠାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଶିଶୁ ମହୋତ୍ସବ ‘ସୁରଭି’-୨୦୨୪ ଆନୁଷ୍ଠାନିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ସର୍ବପ୍ରଥମେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ବରିଷ୍ଠ ଶିକ୍ଷକ ବାଲ୍ମୀକି ମିଶ୍ର ଦୀପ ମନ୍ତ୍ର ଉଚ୍ଚାରଣ ଦେଇଥିଲେ। ଅନୁଷ୍ଠାନର ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ସନ୍ଧ୍ୟା ତ୍ରିପାଠୀ ସରସ୍ୱତୀ ବନ୍ଦନା କରିବା ସହ କ୍ଲଷ୍ଟର ସି.ଆର.ସି.ସି. ଡକ୍ଟର ଦ୍ୱାରିକାନାଥ ମହାରଣା ସ୍ୱାଗତ ଭାଷଣ ପ୍ରଦାନ ସହିତ



ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ଉତ୍ସବରେ ଖଲ୍ଲିକୋଟ ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ସନ୍ତୋଷ କୁମାର ପରିଡ଼ା ମୁଖ୍ୟ ଅତିଥି, ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟର ଅର୍ଥନୀତି ବିଭାଗମୁଖ୍ୟ ଡକ୍ଟର ଅଲେଖ ଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି, ପ୍ରାକ୍ତନ ସରପଞ୍ଚ ତଥା ଯୁବ ସଂଗଠକ ମନୋଜ କୁମାର ଗୌଡ଼ ମୁଖ୍ୟ ବକ୍ତା, ସମଲ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରା ସ୍ୱତନ୍ତ୍ର ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଅପୋଇ ପରିଡ଼ା, ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଲଳିତା ଶବର, ସାମ୍ବାଦିକ ମାଧବ ବେହେରା, ଅଶୋକ କୁମାର ତ୍ରିପାଠୀ, ସାମ୍ବାଦିକ ଅଶ୍ୱିନୀ କୁମାର ମହାନ୍ତି, ପ୍ରମେୟ ସାମ୍ବାଦିକ ସୁଜିତ୍ କୁମାର ବେହେରା, ଅନୁପମ ଭାରତ ସାମ୍ବାଦିକ ନୀଳାଞ୍ଚଳ ସେନାପତି ପ୍ରମୁଖ ଯୋଗଦେଇ ସରକାରଙ୍କ ସାମଗ୍ରିକ ଶିକ୍ଷା, ଶୈକ୍ଷିକ ପରିବେଶ, ବାଧ୍ୟତାମୂଳକ ଶିକ୍ଷା, ସାମାଜିକ ସଂପୃକ୍ତି , ନୈତିକ ମୂଲ୍ୟବୋଧ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗୁରୁ ଦାୟିତ୍ୱ ଆଦି ବହୁବିଧ ଦିଗ ଉପରେ ସାରସ୍ୱତ ଆଲୋଚନା କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ସହିତ ଉପଢୌକନ ପ୍ରଦାନ କରାଯାଇଥିଲା। କ୍ଲଷ୍ଟର ପକ୍ଷରୁ ବକ୍ତୃତା, ସଂଗୀତ, ଚିତ୍ରାଙ୍କନ, ହସ୍ତାକ୍ଷର, ଗଳ୍ପ କଥନ, ତତ୍କାଳ, ଦଳଗତ ନୃତ୍ୟ ଆଦି ବହୁ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ମାନପତ୍ର ସିଲ୍ ସହିତ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟୂନ ଚଉଦଟି ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଉତ୍ସବରେ କୃଷ୍ଣଚନ୍ଦ୍ର ଜେନା, ପ୍ରିୟରଞ୍ଜନ ସାମନ୍ତ, ଆଶିଷକାନ୍ତ ପାଢ଼ୀ, ତ୍ରିନାଥ ସ୍ୱାଇଁ, ପ୍ରଫୁଲ୍ଲ ଶବର, ଦେବରାଜ ଗୌଡ, ହରେକୃଷ୍ଣ ମଲ୍ଲିକ, ଦେବରାଜ ଜାନି, ଜ୍ଞାନରଞ୍ଜନ ଜାଲି, ଏ. ନରସିଂହ ରେଡ୍ଡୀ, ସର୍ବଜିତ୍ ମହାପାତ୍ର, ରମେଶ ଚନ୍ଦ୍ର ସାହୁ, ସଂଗୀତା ନାହାକ, ରେଣୁବାଳା କେଇ, ଲକ୍ଷ୍ମୀପ୍ରିୟା ପାତ୍ର, ସନ୍ଧ୍ୟା ତ୍ରିପାଠୀ, ତପସ୍ୱିନୀ ଜାନୀ, ଅନିତା ବାରିକ, ମୋନାଲିସା ପରିଡ଼ାଙ୍କ ସମେତ ଗ୍ରାମବାସୀ, ଯୁବଗୋଷ୍ଠୀ ସକ୍ରିୟ ଉପସ୍ଥିତ ରହି ସହଯୋଗ କରିଥିଲେ। ପରିଶେଷରେ ଆଞ୍ଚଳିକ ସାଧନ କର୍ମୀ ସଂଯୋଜକ ଡକ୍ଟର ଦ୍ୱାରିକାନାଥ ମହାରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରଜରାଜନଗରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



**ବ୍ରଜରାଜନଗର, ନ୍ୟୁଜ୍‌ବ୍ୟୁରୋ**

ବ୍ରଜରାଜନଗର ପୌରପରିଷଦ ଅନ୍ତର୍ଗତ ଗାନ୍ଧୀଛକ ୨୨ ନମ୍ବର ଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଦିନ ସକାଳ ୧୦ ଟା ସମୟରେ ବ୍ରଜରାଜନଗର ପୌରପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୁସ୍ଥ ସମାଜ ଗଠନ କରିବାକୁ ହେଲେ ନିଜେ ସଫା ରହିବା ସହିତ ଆଖପାଖ ପରିବେଶକୁ ମଧ୍ୟ ସ୍ୱଚ୍ଛ ରଖିବାକୁ ପଡ଼ିବ ବୋଲି ସ୍ଲୋଗାନ ଦେଇଥିଲେ। ଗାନ୍ଧୀଛକ ବଜାର ଠାରୁ ଏକ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ବାହାରି ଗାନ୍ଧୀଛକ, ନୂଆଡ଼ିହି, ଅଞ୍ଚଳର ଜନସାଧାରଣଙ୍କୁ ସ୍ୱଚ୍ଛତା ହିଁ ସେବା ବାର୍ତ୍ତା ଦେଇଛନ୍ତି ଓ ନିଜ ନିଜ ଘର ଆଖପାଖ ପରିବେଶକୁ ସଫା ରଖିବା, ଅଳିଆ ଆବର୍ଜନା ଏଣେତେଣେ ନ ପକେଇ ଘର ସମ୍ମୁଖରେ କୁଣ୍ଡରେ ରଖି ଏକ ସୁସ୍ଥ ପରିବେଶ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଏହି ସଚେତନତାର ବାର୍ତ୍ତା ଦେବାପାଇଁ ପୌର ପରିଷଦ ପକ୍ଷରୁ ପରିମଳ ବିଶେଷଜ୍ଞ ପ୍ରଦୀପ୍ତ କୁମାର ବେହେରା, ଦେବକୀ ନନ୍ଦନ ମହାନ୍ତି, ସିଟି ମିସନ ମ୍ୟାନେଜର ଦୀପକ ମହାନ୍ତି, ଗୋଷ୍ଠୀ ସଂଗଠିକା ଶୌଭାଗିନି ଧୁରୁଆ, ନିଲୁ ହଂସା, ତନୁଜା ବାଗ, ବବି ନାୟକ, ୨୨ ନମ୍ବର ୱାର୍ଡର ଇନ୍ଦିରା ଶକ୍ତି, ମା’ ବିମଳା, ଅପର୍ଣ୍ଣା ମହାସଂଘର ସଭ୍ୟା ତାରୁଣ୍ୟ ବାଳା ସାହୁ, ମନୋରମା ସାହୁ, ଉଷା ସାହୁ, ରାଣୀମା ନନ୍ଦ, ସୁଜାତା ନାହାକ, ସଞ୍ଜୁ ଦେବୀ, ଲକ୍ଷ୍ମୀ ପ୍ରିୟା ସ୍ୱାଇଁ, ପ୍ରିୟଙ୍କା ସାହାଣୀ, ପୂରବୀ ମିଶ୍ର, ପ୍ରତିଭା ମାକଡ, ସୁଲତା ପ୍ରଧାନ, ନମିତା ପ୍ରଧାନ ସମେତ ସତାଧିକ ମହିଳା ଯୋଗ ଦେଇଥିଲେ।

# ସୋଆ ଇଞ୍ଜିନିୟରିଂ ବି.ଟେକ୍ ଓ ଏମ୍.ଟେକ୍ ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ବିଭିନ୍ନ ବିଭାଗରେ ଅଧ୍ୟୟନ କରି ଶିକ୍ଷା ସମାପ୍ତ କରିଥିବା ବି.ଟେକ୍ ଓ ଏମ୍.ଟେକ୍ ଛାତ୍ରଛାତ୍ରୀ ମାନଙ୍କୁ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ସ୍ୱତନ୍ତ୍ର ଗ୍ରାଜୁଏସନ୍ କାର୍ଯ୍ୟକ୍ରମରେ ଡିଗ୍ରୀ ପ୍ରଦାନ କରାଯାଇଛି । ଗ୍ରାଜୁଏସନ୍ କାର୍ଯ୍ୟକ୍ରମର ପ୍ରଥମ ଦିନରେ ଆଇଟିଇଆରର କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗର ୨୦୨୪ ଶିକ୍ଷା ବର୍ଷରେ ଶିକ୍ଷା ସମାପ୍ତ କରିଥିବା ବି.ଟେକ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ଦିନରେ ସିଭିଲ ଇଞ୍ଜିନିୟରିଂ, ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ, କମ୍ପ୍ୟୁଟର ସାଇନସ୍ ଆଣ୍ଡ ଇନଫରମେସନ ଟେକ୍‌ନୋଲୋଜି ଏବଂ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂ ବିଭାଗରେ ୨୦୨୪ ଶିକ୍ଷା ବର୍ଷ ନିମନ୍ତେ ବି. ଟେକ୍ ଓ ଏମ୍.ଟେକ୍ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି ।

ଆଇଟିଇଆରର ଗଣିତ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଓ କମ୍ପ୍ୟୁଟର ଆପ୍ଲିକେସନ୍ (ବିସିଏ ଓ ଏମ୍‌ସିଏ)ରେ ୨୦୨୪ ଶିକ୍ଷା ବର୍ଷରେ ଶିକ୍ଷା ସମାପ୍ତ କରିଥିବା ପୋଷ୍ଟ ଗ୍ରାଜୁଏଟ୍ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସ୍ନାତକୋତର ଡିଗ୍ରୀ ପ୍ରଦାନ କରାଯାଇଛି । ଗ୍ରାଜୁଏସନ୍ କାର୍ଯ୍ୟକ୍ରମର ପ୍ରଥମ ଦିନରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉପାଧି ପ୍ରଦାନ କରିବା ସହ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୋଆ ଦେଶର ୧୪ ତମ ଶ୍ରେଷ୍ଠ ବିଶ୍ୱ-ବିଦ୍ୟାଳୟ ଭାବେ ମାନ୍ୟତା ପାଇଥିବା ଦୃଷ୍ଟିରୁ ଏହି ବିଶ୍ୱ-ବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରୁଥିବା ଛାତ୍ରଛାତ୍ରୀମାନେ



ନିଜକୁ ସେହିଭଳି ଢ଼ଙ୍ଗରେ ପ୍ରତିଷ୍ଠିତ କରାଇବା ସହ ଗର୍ବିତ ହେବା ଆବଶ୍ୟକ ବୋଲି ପ୍ରଫେସର ନନ୍ଦ କହିଥିଲେ। ପ୍ରତିଟି ଛାତ୍ରଛାତ୍ରୀ ଆମ ବିଶ୍ୱବିଦ୍ୟାଳୟର ଗର୍ବ ଓ ଗୌରବ। ନୂତନ ଛାତ୍ରଛାତ୍ରୀ ହୁଅନ୍ତୁ ଅବା ପୁରାତନ ସେମାନେ ସୋଆ ସହିତ ଜଡିତ ହୋଇ ରହିବା ଆବଶ୍ୟକ ବୋଲି କୁଳପତି କହିଥିଲେ। ସୋଆ ଗବେଷଣା ଓ ବିକାଶ ଦିଗରେ କାର୍ଯ୍ୟ କରୁଛି ବୋଲି ପ୍ରକାଶ କରି ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ଯେ କୌଣସି ଅନୁଷ୍ଠାନରେ ଗବେଷଣା କାର୍ଯ୍ୟ କରିପାରିବେ ବୋଲି ସେ କହିଥିଲେ। ଛାତ୍ରଛାତ୍ରୀମାନେ ଯେଉଁ ଶିକ୍ଷା ଲାଭ କରିଛନ୍ତି ତାହାକୁ ସମାଜର ହିତ ସାଧନ ନିମନ୍ତେ ବ୍ୟବହାର କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ।

ଆଇଟିଇଆର୍ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରି ଏହାର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ ଗବେଷଣାକୁ ଅଧିକ ଗୁରୁତ୍ୱ ଦେବା ସହ ୧୭ଟି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଗବେଷଣା ଉପରେ ଜୋର ଦିଆଯାଉଥିବା କହିଥିଲେ। ତେବେ ଛାତ୍ରଛାତ୍ରୀ ମାନେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ କଠିନ ପରିଶ୍ରମ କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ଆଇଟିଇଆର୍‌ର ଆଡିସ୍‌ନାଲ୍ ଡିନ୍ (ଏକାଡେମିକ୍ ) ପ୍ରଫେସର ଧୀରେନ୍ଦ୍ର ନାଥ ଥାଟୋଇ ଏବଂ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ମଧ୍ୟ ଉପସ୍ଥିତ ଥିଲେ। ଆଇଟିଇଆର୍‌ର ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଣ୍ଟ ଆଫେୟାର୍ସ) ପ୍ରଫେସର ରେଣୁ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ସୋଆର କଣ୍ଟ୍ରୋଲର ଅଫ୍ ଏଗଜାମିନେସନ୍ ପ୍ରଫେସର ମୁଳା ଦାସ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଶପଥ ପାଠ କରାଇବା ସହ ଉପାଧି ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏହି ଗ୍ରାଜୁଏସନ୍ କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ଦିନ ଅଟେ। ଏହି ଡିଗ୍ରୀ ଛାତ୍ରଛାତ୍ରୀମାନଙ୍କର କଠିନ ପରିଶ୍ରମ, ନିଷ୍ଠା, ଶୃଙ୍ଖଳା ଓ ସମୟାନୁବର୍ତ୍ତିତାର ଫଳ ତଥା ଶିକ୍ଷକ ଓ ଅଭିଭାବକଙ୍କର ସହଯୋଗରେ ସମ୍ଭବପର ହୋଇପାରିଛି ବୋଲି ପ୍ରଫେସର ଦାସ କହିଥିଲେ। ନିଜର କଠିନ ପରିଶ୍ରମ ଫଳରେ ନିଜର ସ୍ୱପ୍ନକୁ ସାକାର କରିବା ସମ୍ଭବ ହୋଇପାରେ। ସବୁବେଳେ ନିଜ କର୍ମକ୍ଷେତ୍ରରେ ସକାରାତ୍ମକ ମନୋଭାବ ରଖି କାର୍ଯ୍ୟ କଲେ ସବୁ କାର୍ଯ୍ୟରେ ସଫଳତା ମିଳିପାରିବ ବୋଲି ସେ କହିଥିଲେ। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଆଇଟିଇଆର୍ ଆଡିସ୍‌ନାଲ୍ ଡିନ୍ (ଏକାଡେମିକ୍ ) ପ୍ରଫେସର ଧୀରେନ୍ଦ୍ର ନାଥ ଥାଟୋଇ ଏବଂ ଡିନ୍ (ରିସର୍ଚ୍ଚ) ପ୍ରଫେସର ଜୟନ୍ତ କୁମାର ନାଥ ଉପସ୍ଥିତ ଥିଲେ।





# ରାସ୍ତା ପାଲଟିଛି ସମସ୍ୟା:ଖଟିଆରେ ବୁହାହେଲେ ୫ରୁ ଉର୍ଦ୍ଧ୍ୱ ରୋଗୀ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**



ସ୍ୱାଧୀନତାର ୭୭ ବର୍ଷ ପରେ ମଧ ବହୁ ମୌଳିକ ସୁବିଧା ଆଜି ପର୍ଯ୍ୟନ୍ତ ଅନେକ ଅଞ୍ଚଳରେ ପହଞ୍ଚିପାରିନଥିବା ବେଳେ ଅନେକ ସମୟରେ ବିଭିନ୍ନ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦେଖାଯାଇଥାଏ ବିଭିନ୍ନ ପ୍ରକାର ସମସ୍ୟା । ଯାହାକି, କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ବ୍ଲକର ଆଦିବାସୀ ଅଧ୍ୟୁଷିତ ତଥା ମାଓ ପ୍ରବଣ ଅଞ୍ଚଳ ଭାବେ ପରିଚିତ ଦୁର୍ଗାପଙ୍ଗା ପଞ୍ଚାୟତରେ ଦେଖିବାକୁ ମିଳିଛି । ଉକ୍ତ ପଞ୍ଚାୟତ ଅନ୍ତର୍ଗତ କାଣିବାରୁ ଓ ସିନ୍ଧିବାଲି ଆଦି ଗ୍ରାମରେ ଅଖାଦ୍ୟ ଖାଇ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୫ ଜଣ ଗୁରୁତର ହୋଇଛନ୍ତି । ଗୁରୁତର ମାନଙ୍କୁ କୋଟଗଡ଼ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାର ଖବର ମିଳିଛି । ତେବେ ଦୁଇ ଦିନରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଧୁଣା ଜାନୀ (୬୦), କୁଦୁକୁଙ୍ଗା ଆଲୁମାଝୀ (୬୦) ଏବଂ ଟାପାରି ମାଝୀ (୩୨) ବୋଲି ଜଣାଯାଇଛି । ତେବେ କାଣିବାରୁ ଓ ସିନ୍ଧିବାଲି ଗ୍ରାମକୁ ଯାତାୟାତ ପାଇଁ ରାସ୍ତାନଥିବା ଯୋଗୁଁ ରୋଗୀମାନଙ୍କୁ ଡାକ୍ତରଖାନା ଆଣିବାରେ ନାହିଁନଥିବା ସମସ୍ୟା ଉପୁଜିଥିବାର ଦେଖାଯାଇଛି । ରିପୋର୍ଟ ଲେଖାହେବା ସୁଦ୍ଧା ଦୁଇ ଦିନରେ ଉକ୍ତ ଗ୍ରାମ ମାନଙ୍କର ପ୍ରାୟ ୨୦ଜଣଙ୍କର ବିଭିଉ ପ୍ରକାର ଚିକିତ୍ସା କରାଯାଇଥିବା ବେଳେ ବର୍ତ୍ତମାନ କୋଟଗଡ଼ ଡାକ୍ତରଖାନାରେ ୮ ଜଣ ଓ ଗ୍ରାମରେ ଅନ୍ୟମାନେ ଚିକିତ୍ସିତ ହେଉଥିବାର ଜଣାଯାଇଛି । ରାସ୍ତାନଥିବା ଯୋଗୁଁନିଜେ ମୋବାଇଲ୍ ହେଲ୍ଥ୍ ୟୁନିଟ୍ର ଡାକ୍ତର ଡ଼. ଅଶୋକ କୁମାର ସାମଲ୍ ଓ ଅନ୍ୟମାନେ ରୋଗୀ ମାନଙ୍କୁ ପ୍ରାୟ ୫ କିଲୋମିଟର ଦୂର ପର୍ଯ୍ୟନ୍ତ ଖଟିଆରେ ବୋହି ଆଣିବା ପରେ ଆମ୍ବୁଲାନ୍ସରେ ଚିକିତ୍ସା ପାଇଁ କୋଟଗଡ଼ ଡାକ୍ତରଖାନାକୁ ପଠାଇଥିବାର ଜଣାପଡିଛି । ପ୍ରକାଶ ଯେ, ଦୁର୍ଗପାଙ୍ଗାରେ ଥିବା ଡାକ୍ତର ଜର୍ଜ ଦୀପକ ଦୁର୍ଗାଦତଙ୍କ ପାଖକୁ ଚିକିତ୍ସା ପାଇଁ ଆସିଥିବା କିଛି ରୋଗୀ କାଣିବାରୁ ଓ ସିନ୍ଧିବାଲିରେ କେତେକ ଲୋକ ଜ୍ୱର, ଝାଡ଼ା, ବାନ୍ତି ଏବଂ ପେଟ ବଥାରେ ଆକ୍ରାନ୍ତ ଥିବାର ଖବର ଦେବା ପରେ ତୁରନ୍ତ ଡାକ୍ତରି ଦଳ ଉକ୍ତ ଗ୍ରାମରେ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ କରିଥିଲା । ତେବେ ଉକ୍ତ ଗ୍ରାମକୁ ଯାତାୟାତ ପାଇଁ ରାସ୍ତା ନଥିବା ଯୋଗୁଁ ଆମ୍ବୁଲାନ୍ସ ଡିମିଲି ପର୍ଯ୍ୟନ୍ତ ଯାଇପାରିଥିଲା । ଉକ୍ତ ଦୁଇଟି ଗ୍ରାମ ଡିମିଲି ଠାରୁ ପ୍ରାୟ ୫ କିଲୋମିଟର ଦୂରରେ ଥିବା ବେଳେ ଗ୍ରାମବାସୀ, ଡାକ୍ତରି ଟିମ୍ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଗୁରୁତର ମାନଙ୍କୁ ନିଜେ ଖଟିଆରେ ବୋହି ଡିମିଲି ପର୍ଯ୍ୟନ୍ତ ଆଣିବା ପରେ ସେଠାରୁ କୋଟଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ଚିକିତ୍ସା କରାଯାଉଥିବାର ଡାକ୍ତରମାନେ ପ୍ରକାଶ କରିଛନ୍ତି । ମିଳିଥିବା ସୂଚନା ପ୍ରକାରେ ଉକ୍ତ ଗ୍ରାମରେ ଗତ ୩ ଦିନ ତଳେ ଏକ ଭୋଜି ହୋଇଥିଲା । ଉକ୍ତ ଭୋଜି ଖାଇବା ପରେ ଅନେକ ଏଭଳି ଭାବେ ଆକ୍ରାନ୍ତ ହୋଇଥିବାର ଖବର ମିଳିଛି । କୋଟଗଡ଼ରେ ଏକ ସ୍ୱତନ୍ତ୍ର ଟିମ୍ ଆକ୍ରାନ୍ତ ମାନଙ୍କର ଚିକିତ୍ସା ଚଳାଇଥିବାର ଜଣାଯାଇଛି । ଏକାଧିକ ଗୁରୁତର ମାନଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ମଧ ଚିକିତ୍ସା ପାଇଁ ପଠାଯାଇଥିବାର ଜଣାଯାଇଛି ।






## ୧୬ନଂ ଜାତୀୟ ରାଜପଥରେ ବସ୍ ଦୁର୍ଘଟଣା:କଣ୍ଡକ୍ଟର ମୃତ, ୩ ଗୁରୁତର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଜାରକା ନିକଟସ୍ଥ କୁମାରୀ ପାଟ ଠାରେ ପୂର୍ବରୁ ଛିଡ଼ା ହୋଇଥିବା ଏକ ସାର ବୋଝେଇ ଟ୍ରକ୍ ସହ ଉଦଳାରୁ ଭୁବନେଶ୍ୱର ଯାଉଥିବା ରାଜା ନାମକ ଏକ ଘରୋଇ ବସ୍ ଟ୍ରକ୍ ପଛରୁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବସ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ୨୦ରୁ ଉର୍ଦ୍ଧ୍ୱ ଆହତ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ୪ଜଣ ଗୁରୁତରଙ୍କ ମଧ୍ୟରୁ ବସ୍ କଣ୍ଡକ୍ଟରର ମୃତ୍ୟୁ ଘଟି ଥିବାବେଳେ ଅନ୍ୟ ୩ଜଣ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଧର୍ମଶାଳା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟିକୁ ଆଣି ଜାରକା ପୋଲିସ ବିଟ୍ ହାଉସ୍ ପାଖରେ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ମୈତ୍ରେୟୀ ଲେଖିକା ସଂଗଠନର ଦେବୀ ବନ୍ଦନା କବିତା ଆସର




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରବିବାର ସନ୍ଧ୍ୟା ୭ଟାରେ ମୈତ୍ରେୟୀ ଲେଖିକା ସଂଗଠନ ତରଫରୁ ଏକ ଆଭାସୀ କବିତା ଆସର ଦେବୀ ବନ୍ଦନା ଅନୁଷ୍ଠିତ ହୋଇଯାଇଛି । ଏହି ଆସରରେ ବିଶିଷ୍ଟ କବି ରକ୍ଷକ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ସାଢେ ତିନିକୋଟି ଲୋକଙ୍କ ମଧ୍ୟରୁ ଯେଉଁ ଦୁଇ କୋଟି ମଣିଷ ନିଜ ବିଷୟରେ କିଛି କହିପାରୁନାହାନ୍ତି ଲେଖକ ମାନଙ୍କୁ ସେମାନଙ୍କର ସ୍ୱର ପାଲଟିବାକୁ ପଡ଼ିବ । ଲେଖକକୁ ଜୀବନରେ ଅନେକ ଝଡଝଞ୍ଜା ସତ୍ତ୍ୱେ ସତ୍ୟକୁ ସାଧାରଣ ଲୋକଙ୍କ ସାମ୍ନାକୁ ଆଣିବାକୁ ପଡ଼ିବ ବୋଲି କବି ସେ କହିଥିଲେ । ଆସରରେ ରାଜଲକ୍ଷ୍ମୀ ତ୍ରିପାଠୀ ସଭାପତିତ୍ୱ କରିବା ସହ ପଢ଼ା ଯାଇଥିବା କବିତା ସବୁକୁ ସମୀକ୍ଷା କରିଥିଲେ । ବିଜନବାଳା ପାଟଯୋଷୀ ଆସରଟିକୁ ସଂଯୋଜନା କରିଥିଲେ ଏବଂ ନିବେଦିତା ନନ୍ଦ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ନନ୍ଦିତା ମହାନ୍ତି ଅତିଥି ପରିଚୟ ଦେଇଥିବା ବେଳେ ଲକ୍ଷ୍ମୀ ଚନ୍ଦ ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଚ୍ଛଦପଟରେ ରହି ସ୍ୱାଗତିକା ସେଠୀ, ବିଶ୍ୱ ଭାରତୀ ଦାସ, ଶ୍ୱେତପଦ୍ମା ପାଢୀ ତ୍ରିପାଠୀ ସମସ୍ତ ପ୍ରକାର ସହଯୋଗ କରିଥିଲେ । କବିତା ପଢିଥିବା କବିମାନେ ହେଲେ- ଉଷା ଶତପଥୀ, ଜ୍ୟୋତ୍ସ୍ନାରାଣୀ ଭୋଇ, ରଶ୍ମି ରେଖା ବେହେରା, ଆରତୀ ସାହୁ, ସୁମିତା ବେହେରା, ଲତିକା ବିଳାଶ, ଦେବଯାନୀ ରାୟ, ପ୍ରଣତି ଆଚାର୍ଯ୍ୟ, ତେଜସ୍ୱିନି ପଣ୍ଡା, ରଶ୍ମି ସାହୁ, ଜୟନ୍ତୀ ମିଶ୍ର, ଲୋପାମୁଦ୍ରା ପରିଡ଼ା ପ୍ରମୁଖ ।

## ଯାଜପୁରରେ ପେଡିଆଟ୍ରିକ୍ସ ଏକାଡେମୀ ଉଦ୍‌ଘାଟିତ

# ଶିଶୁ ରୋଗ ସମ୍ପର୍କରେ ଅଧିକ ଗବେଷଣା କ୍ଷେତ୍ରରେ ସହାୟକ ହେବ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁରରେ ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସର ଶାଖା ଆରମ୍ଭ ହୋଇଛି । ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ, ଯାଜପୁର ଭାବେ ଏହା କାର୍ଯ୍ୟକ୍ଷମ ହେବ ଏବଂ ଏହାର ଅସ୍ଥାୟୀ କାର୍ଯ୍ୟାଳୟ ଲଳିତେଶ୍ୱର ନଗରରେ ଆରମ୍ଭ ହୋଇଛି । ଶିଶୁ ରୋଗ ବିଶେଷଜ୍ଞ ମାନଙ୍କ ମଧ୍ୟରେ ଜ୍ଞାନର ଆଦାନ ପ୍ରଦାନ ସହିତ ନୂଆ ଉପ୍ତାଦ ସମ୍ପର୍କରେ ଅଧିକ ଗବେଷଣା କ୍ଷେତ୍ରରେ ଏହି ଏକାଡେମୀ କାର୍ଯ୍ୟକରିବ । ଏହି ଅବସରରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମ୍ମିଳନୀକୁ ଯାଜପୁର ଶାଖାର ନବ ନିଯୁକ୍ତ ସଭାପତି ଡା. ପ୍ରସନ୍ନ କୁମାର ସାହୁ ସଭାପତିତ୍ୱ କରିଥିଲେ । ଏହି ସମ୍ମିଳନୀରେ ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସର ଓଡ଼ିଶା ସଭାପତି ଡା. ବିଜୟ କୁମାର ଭୁୟାଁ, ଯାଜପୁର ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାଶିଷ ମହାରଣା, ବରିଷ୍ଠ କର୍ଣ୍ଣ, ନାଶା ଓ ଗଳା ବିଶେଷଜ୍ଞ ଡା. କ୍ଷିରୋଦ ଚନ୍ଦ୍ର ମହାନ୍ତି, ଯାଜପୁର ଶାଖାର ଉପସଭାପତି ଡା. ରବିନ୍ଦ୍ର କୁମାର ନନ୍ଦ, ସାଧାରଣ ସମ୍ପାଦକ ଡା. ସୁପ୍ରକାଶ ଶତପଥୀ ଯୋଗଦେଇ ଏହି ଏକାଡେମୀର ଆଭିମୁଖ୍ୟ ଏବଂ ଉଦ୍ଦେଶ୍ୟ




ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଏକାଡେମୀ ମାଧ୍ୟମରେ ଶିଶୁମାନଙ୍କର ବିଭିନ୍ନ ପ୍ରକାର ରୋଗ ଓ ଏହାର ନିରାକରଣ ଓ ସେମାନଙ୍କୁ ରୋଗମୁକ୍ତ କରିବା ପାଇଁ ବିଭିନ୍ନ ପ୍ରକାରର ସଚେତନତା ଶିବିର ଆୟୋଜନ କରାଯିବ । ଏଥି ସହିତ ସ୍ତନ୍ୟପାନ ଦିବସରେ ମା'ମାନଙ୍କୁ ଶିଶୁମାନଙ୍କୁ ସ୍ତନ୍ୟ ପାନ ସମ୍ବନ୍ଧୀୟ ଜ୍ଞାନ, ଶିଶୁମାନଙ୍କୁ ଅଧିକ ଔଷଧ ସେବନ ମୁକ୍ତ ରଖିବା ପ୍ରଭୃତି ବିଭିନ୍ନ ପ୍ରକାରର ସଚେତନତା କାର୍ଯ୍ୟକ୍ରମ କରିବା କ୍ଷେତ୍ରରେ ଏକାଡେମୀ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ମା' ବିରଜାଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱୋଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା । ଏହି ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ମାନଙ୍କ ଦ୍ୱାରା ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା । ଆଣ୍ଟିବାୟୋଟିକ ରେଜିଷ୍ଟାନ୍ସ, ଟୀକାକରଣ, କୃତ୍ରିମ ବୁଦ୍ଧିମତା (ଏଆଇ) ଭଳି ବିଭିନ୍ନ ବିଷୟରେ ଡା. ବିଜୟ କୁମାର ଭୁୟାଁ, କିମସ ମେଡିକାଲ୍ କଲେଜର ପ୍ରଫେସର ଡା. ନିର୍ମଳ କୁମାର ମହାକୁଡ, ପୁରୀ ଜଗନ୍ନାଥ ମେଡିକାଲ୍ କଲେଜର ଡା. ବିଶ୍ୱଜିତ ମିଶ୍ର, ଡା. ସମରେନ୍ଦ୍ର ମହାପାତ୍ର ପ୍ରମୁଖ ଏହି ଆଲୋଚନାରେ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଡା. କାର୍ତ୍ତିକ ଚନ୍ଦ୍ର ରାଉତ, ଡା. ରାଜକିଶୋର ପଣ୍ଡା, ଡା. ନିମାଇଁ ନାୟକ, ଡା. ଏଲ.ବି ରାଉତରାୟ, ଡା. ରାଧାରମଣ ସାହୁ, ଡା. ଗୌତମ ସାହୁ, ଡା. ସୁରେନ୍ଦ୍ର ଶତପଥୀ, ଡା. ଭାଗୀରଥୀ ପାଣିଙ୍କ ସମେତ ବହୁ ବରିଷ୍ଠ ଡାକ୍ତର ଉପସ୍ଥିତ ଥିଲେ । ଶେଷରେ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସର କୋଷାଧ୍ୟକ୍ଷ ଡା. ଅଶୋକ ପ୍ରିୟଦର୍ଶୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧିମେଇଛି ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ

**କଟକ, ନ୍ୟୁଜ୍ ବ୍ୟୁରୋ**

ଐତିହାସିକ ତାଳଦଣ୍ଡା କେନାଲ୍ ଅତି ଶୋଚନୀୟ ଅବସ୍ଥାରେ ପଡ଼ିଥିଲା । ତତ୍କାଳୀନ ସରକାର ଏହାକୁ ନୂତନ ରୂପରେଖ ଦେବା ପାଇଁ ଏକ ଡ୍ରିମ୍-ପ୍ରୋଜେକ୍ଟ ମଧ କରିଥିଲେ । ଯୋବ୍ରା ଠାରୁ ରାଣୀହାଟ ପର୍ଯ୍ୟନ୍ତ ହୋଇଥିବା ଏହି କେନାଲର ପ୍ରଥମ ପର୍ଯ୍ୟାୟ ନବୀକରଣ ବା ସୌନ୍ଦର୍ଯ୍ୟୀକରଣ କାମ ସାଧାରଣରେ ବେଶ୍ ପ୍ରଶଂସା ମଧ ସାଉଁଟିଥିଲା । ପିଢ଼ି ପିଢ଼ି ଧରି କେନାଲ କୂଳକୁ ଜବରଦଖଲ କରି ରହିଆସୁଥିବା ବସ୍ତିବାସିନ୍ଦାଙ୍କୁ ସ୍ଥାନାନ୍ତର ସହ ସେମାନଙ୍କ ଥଇଥାନ ମଧ ସରକାରଙ୍କ ପାଇଁ ବଡ଼ ଚାଲେଞ୍ଜ ଥିଲା । ଯାହା ତତ୍କାଳୀନ ସରକାର ସଫଳତାର ସହ କରିପାରିଥିଲେ । କିନ୍ତୁ କିଛି ମାସ ହେବ, ଏହି ପ୍ରକଳ୍ପ କାମ ଧିମେଇ ଯାଇଥିବା ଜଣାପଡ଼ିଛି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଯୋବ୍ରା ଠାରୁ ରାଣୀହାଟ ଯାଏ ତାଳଦଣ୍ଡାର କେନାଲର ଉଭୟ ପାର୍ଶ୍ୱରେ ପ୍ରାୟ ୧.୫୫ କିମି ରାସ୍ତାର ସମ୍ପ୍ରସାରଣ କରାଯିବା ସହ ଆଲୋକ ବ୍ୟବସ୍ଥା ଏବଂ ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟ ଶେଷ କରାଯାଇଥିଲା । ପରବର୍ତ୍ତୀ ସମୟରେ ରାଣୀହାଟରୁ ମାତୃଭବନ ପର୍ଯ୍ୟନ୍ତ ଓ ତୃତୀୟ ପର୍ଯ୍ୟାୟରେ ମାତୃଭବନ ଠାରୁ ବିରିବାଟୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ କାମ ସରିବାର ନାଁ ଧରୁନି । ଦ୍ୱିତୀୟ ପର୍ଯ୍ୟାୟ କାମ ମାତୃଭବନ ନିକଟରେ ଦୀର୍ଘ ଦିନ ଧରି ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି । ସେହିଭଳି ମାତୃଭବନ ନିକଟରୁ ବିରିବାଟୀ ମଧ୍ୟରେ ରାସ୍ତା ସମ୍ପ୍ରସାରଣ ଓ କେନାଲ ୱାଲ ଲାଇନିଂ କାମ ଅଦ୍ୟାବଧି ଶେଷ ହୋଇପାରିନାହିଁ । ଏହି ପ୍ରକଳ୍ପ ଅଧୀନରେ ଅତ୍ୟାଧୁନିକ ତଥା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ସିମେଣ୍ଟ ମିଶ୍ରିତ 'ସିନ୍ଥେଟିକ୍ ମାଟ୍ରେସ୍' ବ୍ୟବହାର କରାଯାଇ କେନାଲ୍‌ର ଲାଇନିଂ କାର୍ଯ୍ୟ କରାଯାଉଛି । ଏହି ଦୁଇ ପର୍ଯ୍ୟାୟରେ ପ୍ରାୟ ୫୦ କୋଟି ଟଙ୍କାରେ ହେଉଥିବା କେନାଲ୍ ସୌନ୍ଦର୍ଯ୍ୟୀକରଣ ତଥା ରାସ୍ତା ସମ୍ପ୍ରସାରଣ କାମ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ପାଇଁ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ନିର୍ବାଚନ ସରି ସରକାର ଗଠନ ହୋଇସାରିଥିଲେ ମଧ କାମ ବିଶେଷ ଅଗ୍ରଗତି କରିପାରିନାହିଁ । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପୂର୍ବ ସରକାର ସମୟରେ ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବ, ସିଡିଏ ଅଧ୍ୟକ୍ଷ ନିୟମିତ ଏହି ପ୍ରକଳ୍ପ ପରିଦର୍ଶନ କରି କିଭଳି ଶୀଘ୍ର କାମ ରୂପାୟନ ହେବ, ତାହାର ସମୀକ୍ଷା କରୁଥିଲେ । ହେଲେ ନୂତନ ସରକାର ଗଠନର ୧୦୦ ଦିନ ପୂର୍ତ୍ତି ହୋଇଥିଲେ ମଧ ଏଭଳି ଥରୁଟିଏ ସମୀକ୍ଷା କରାଯାଇପାରିନାହିଁ । ଏହି ପ୍ରକଳ୍ପ ଅଧୀନରେ ନୂଆ ବଜାରରୁ ବିରିବାଟୀ ମଧ୍ୟରେ କେନାଲ ଉପରେ ୫ଟି ବ୍ରିଜ୍ ନିର୍ମାଣ ବର୍ଷାଧିକ ସମୟ ହେଲାଣି ସରିଛି । ହେଲେ କଟକ-ପାରାଦ୍ୱୀପ ଜାତୀୟ ରାଜପଥକୁ ଏହାର ସଂଯୋଗୀକରଣ ରାସ୍ତା ସମ୍ପୂର୍ଣ୍ଣ ନହୋଇ ଅଧାପନ୍ତରିଆ ହୋଇପଡ଼ିଛି । କଟକ ଆର୍ ଆଣ୍ଡ ବି ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ପ୍ରଭାସ ଚନ୍ଦ୍ର ମାଝୀ କହିଛନ୍ତି, ରାସ୍ତା ସମ୍ପ୍ରସାରଣ ପାଇଁ ବାଧକ ଥିବା କେତେକ ବିଜୁଳି ଖୁଣ୍ଟ ଇତିମଧ୍ୟରେ ଅପସାରଣ କରାଯାଇଛି । ବର୍ଷା ପାଇଁ କାମ ମଧ ପ୍ରଭାବିତ ହୋଇଥିଲା । ଆଗକୁ ଏହା ତ୍ୱରାନ୍ୱିତ କରାଯିବ । ତେବେ ପୂର୍ବ ନିର୍ଦ୍ଧାରିତ ଡେଡ୍‌ଲାଇନ୍‌ରେ ସରି ନଥିଲେ ମଧ ଆସନ୍ତା ୨୦୨୫ ମାର୍ଚ୍ଚରେ ଏହି କାମ ସରିବ ବୋଲି ପୁନଃ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସେ କହିଛନ୍ତି । ଅନ୍ୟପଟରେ ତାଳଦଣ୍ଡା କେନାଲ୍‌ର ଯୋବ୍ରା ଠାରୁ ରାଣୀହାଟ ପର୍ଯ୍ୟନ୍ତ ହୋଇଥିବା ସୌନ୍ଦର୍ଯ୍ୟୀକରଣକୁ ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉନଥିବା ପ୍ରସଙ୍ଗରେ ହାଇକୋର୍ଟ ମଧ ଉଦ୍‌ବେଗ ପ୍ରକାଶ କରିଥିଲେ । ଏପରିକି କେନାଲ୍ ରାସ୍ତା ସିଧାସଳଖ ପ୍ରସ୍ତାବିତ ଏସ୍‌ସିବି ଏମ୍ସ ପ୍ଲସ୍‌କୁ ସଂଯୋଗ କରୁଥିବାରୁ ଏହାର ସୌନ୍ଦର୍ଯ୍ୟୀକରଣ ଉପରେ ଅଦାଲତ ଗୁରୁତ୍ୱାରୋପ କରିଥିଲେ । କେନାଲ୍ ଭିତରକୁ ଏବେବି କଟକ ସହରର ବର୍ଜ୍ୟଜଳ ୮ ଗୋଟି ଡ୍ରେନ୍ ଦେଇ ପ୍ରବେଶ କରୁଛି । ଏଥିପାଇଁ ଛତ୍ରବଜାର ଅର୍ବାନ୍ ହାଟରୁ ନୂଆବଜାର ପର୍ଯ୍ୟନ୍ତ ୩୨କୋଟି ଟଙ୍କା ବ୍ୟୟ ଅଟକଳରେ କେନାଲ ପାର୍ଶ୍ୱରେ ଏକ ସମାନ୍ତରାଳ ଡ୍ରେନ୍‌କୁ ମୁଖ୍ୟ ନର୍ଦ୍ଦମା ସହ ସଂଯୋଗ କରିବା ପାଇଁ ପ୍ରସ୍ତାବ ରହିଛି ବୋଲି ସିଏମ୍‌ସିର ବିଭାଗୀୟ ଅଧିକାରୀ କହିଛନ୍ତି । ସୂଚନାନୁସାରେ, ରାଜ୍ୟ ସରକାରଙ୍କ ନିକଟରେ ଏହି ପ୍ରସ୍ତାବିତ ପ୍ରକଳ୍ପ ବିଚାରାଧୀନ ରହିଥିଲା ବେଳେ ଅଦ୍ୟାବଧି ଏହାକୁ ସବୁଜ ସଂକେତ ମିଳିପାରିନାହିଁ । ସେହିଭଳି ମାତୃଭବନ ଠାରୁ ବିରିବାଟୀ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ ପାଇଁ ୩ କୋଟିର ବ୍ୟୟ ଅଟକଳକୁ କେବେ ମଞ୍ଜୁରୀ ମିଳିବା ସହ ଟେଣ୍ଡର ଆହ୍ୱାନ କରାଯାଉଛି, ତାହା ଦେଖିବାକୁ ବାକି ରହିଛି । ଯୁଦ୍ଧକାଳୀନ ଭିତ୍ତିରେ ତାଳଦଣ୍ଡା କେନାଲ୍ ଓ ରାସ୍ତା କାମ ଶେଷ କରିବା ପାଇଁ ସାଧାରଣରେ ଦାବି ହେଉଛି ।


# ଦେଶରେ ପ୍ରତିବର୍ଷ ଜଳାନ୍ତକ ନେଉଛି ୨୦ ହଜାର ଜୀବନ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହ ଠାରେ ବିଶ୍ୱ ଜଳାତଙ୍କ ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶତ୍ରୁଘ୍ନ ଦାଶଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଉକ୍ତ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶତ୍ରୁଘ୍ନ ଦାଶ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ଅଭିଭାଷଣରେ ଏହି ଦିବସ ପାଳନର ଆଭିମୁଖ୍ୟ ବିଷୟରେ କହିଥିଲେ । ସଚେତନତାକୁ ବ୍ୟାପକ କରିବା ରୋଗର ପ୍ରତିରୋଧ ନିମନ୍ତେ ଓ ବର୍ତ୍ତମାନ ଏହା ଏକ ବଡ଼ ଜନସ୍ୱାସ୍ଥ୍ୟ ସମସ୍ୟା ଭାବେ ଦେଖାଦେଇଛି । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ ଜେନା ନିଜ ବକ୍ତବ୍ୟରେ ଜଳାନ୍ତକ ରୋଗ କୁକୁର, ବିଲୁଆ, ଗଧିଆ, ନେଉଳ, ବାଦୁଡ଼ି ପ୍ରଭୃତି ପ୍ରାଣୀକୁ ସଂକ୍ରମଣ କରୁଥିବା ଏକ ଭୁତାଣୁ ଜନିତ ରୋଗ, ସେଇ ସଂକ୍ରମିତ ପ୍ରାଣୀ ମନୁଷ୍ୟକୁ କାମୁଡ଼ିଲେ କିମ୍ବା ସେମାନଙ୍କର ଲାଳ ସଂସ୍ପର୍ଶରେ ଆସିଲେ ଏହି ରୋଗ ହୋଇଥାଏ । ପ୍ରତିବର୍ଷ ଆମ ଦେଶ ଭାରତରେ ୨୦ ହଜାରରୁ ଅଧିକ ବ୍ୟକ୍ତି ଜଳାନ୍ତକ ରୋଗରେ ମୃତ୍ୟୁବରଣ କରୁଛନ୍ତି । ତେଣୁ ଏ ଦିଗରେ ସଚେତନତାକୁ ବ୍ୟାପକ କରିବା, ଯଦି ଏଭଳି ପଶୁ କାମୁଡନ୍ତି ତେବେ ସେ ସ୍ଥାନକୁ ଭଲଭାବେ ସାବୁନ ଓ ଥଣ୍ଡା ପାଣିରେ ଧୋଇଦେବା ଓ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରାମର୍ଶ କରି ଜଳାନ୍ତକ ପ୍ରତିଷେଧକ ଟିକା ନେବା ଉଚିତ୍ । ଏହି ଟିକା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଗଣାରେ ଉପଲବ୍ଧ । ଏହି ରୋଗ ହେଲା ରାବିଜ୍, ବ୍ରୁସେଲ୍‌ସିସ୍, ଲେପ୍‌ଟୋସ୍ପିରୋସିସ୍, ପ୍ଲେଗ୍, ବାର୍ଡ଼ ଫ୍ଲୁ, ଡ଼େଙ୍ଗୁ, କୋଭିଡ, ସ୍କବ୍ ଟାଇଫସ୍, ଜାପାନୀ ଏନ୍‌କେଫାଇଲ୍ଟିସ୍ ଇତ୍ୟାଦି ରୋଗ ହୋଇଥାଏ । ଘରେ ରଖିଥିବା ପଶୁମାନଙ୍କ ସଂସ୍ପର୍ଶରେ ଆସିଲେ ହାତକୁ ପରିଷ୍କାର କରିବା ସହ ସେମାନଙ୍କୁ



ଭ୍ୟାକ୍‌ସିନେସନ୍ କରିବା ଉଚିତ୍ ଓ ଏପିଡ଼େମିଓଲୋଜିଷ୍ଟ ସ୍ମୃତିରଞ୍ଜନ ପଣ୍ଡା ଏକ ବିସ୍ତୃତ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ଦ୍ୱାରା ଏହାର ସଂକ୍ରମଣର କାରଣ ଗୁଡିକ ବିଷୟରେ ଯଥା: ଅର୍ଥନୈତିକ, ସାମାଜିକ ଓ ସରକାରୀ କାର୍ଯ୍ୟକ୍ରମ ବିଷୟରେ ଯେପରିକି ଜନସଂଖ୍ୟା ବୃଦ୍ଧି, ସହରୀକରଣ, ଘରେ କୁକୁର ପାଳିବାକୁ ଏକ ସାମାଜିକ ଷ୍ଟାଟସ୍ ଭାବିବା, ସମାନ ଜନସ୍ୱାସ୍ଥ୍ୟ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା ଗ୍ରହଣର ଅଭାବ, ବନ୍ୟ ପଶୁମାନଙ୍କୁ ଘରେ ପାଳିବା ଇତ୍ୟାଦି ଦ୍ୱାରା ହିଁସବୁ ରୋଗ ହୋଇଥାଏ । ଏହାକୁ ଚିକିତ୍ସା ନକଲେ ମଣିଷ ମୃତ୍ୟୁମୁଖରେ ପଡିଥାଏ । ସିନିୟର ମେଡିକାଲ୍ ଅଫିସର ଡାକ୍ତର ସ୍ୱର୍ଣ୍ଣଲତା ଦେବୀ, ଲୋକମାନଙ୍କ ମନରେ ଥିବା ଭ୍ରାନ୍ତ ଧାରଣା ଯଥା- କୁକୁର କିମ୍ବା କୌଣସି ଜୀବ ଜନ୍ତୁ କାମୁଡ଼ିଲେ ଝଡ଼ାଫୁଙ୍କା କରିବା ଇତ୍ୟାଦିକୁ ଦୂରେଇବା ନିମନ୍ତେ ସଚେତନତା କରିବା ଉଚିତ୍, ଯେମିତିକି ସେମାନେ ଆଣ୍ଟି ରାବିଜ୍ ଭ୍ୟାକ୍‌ସିନେସନ୍ ନେବା ଦରକାର ବୋଲି ବକ୍ତବ୍ୟ ରଖିଥିଲେ । ଉକ୍ତ ଦିବସର ସଚେତନତା ନିମନ୍ତେ, ଏସ୍.ଭି.ଏମ୍.କଲେଜ ଜଗତସିଂହପୁର ଓ କାଦୁଆପଡ଼ାର ଗାଦିବ୍ରହ୍ମ ମହିଳା କଲେଜ ପିଲାମାନଙ୍କ ମଧ୍ୟରେ ଏକ ରଚନା ପ୍ରତିଯୋଗିତା କରାଯାଇଥିଲା ଏବଂ ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଗାଦିବ୍ରହ୍ମ ମହିଳା କଲେଜ କାଦୁଆପଡାର ୩ ଜଣ ଓ ଏସ୍.ଭି.ଏମ୍. କଲେଜ ଜଗତସିଂହପୁର, ୬ ଜଣ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ୍ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ଉକ୍ତ ସଭାରେ ଜିଲ୍ଲା ସ୍ତରରୁ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ସଭା ପରିଚାଳନା କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରିଣୀ ସଚଳା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ମାଇକ୍ରୋ ବାୟୋଲୋଜିଷ୍ଟ ପ୍ରଦୀପ୍ତ କୁମାର ସ୍ୱାଇଁ, ଆସିଷ୍ଟାଣ୍ଟ ମ୍ୟାନେଜର ଅନିତା ଦାଶ, ଏସ୍.ଭି.ଏମ୍. କଲେଜ ଜଗତସିଂହପୁର ଓ ଗାଦିବ୍ରହ୍ମ ମହିଳା କଲେଜ କାଦୁଆପଡାର ପ୍ରିନ୍ସିପାଲ ଓ ଛାତ୍ରଛାତ୍ରୀ, ମହିମା ଓ ନାରାୟଣୀ ସ୍କୁଲ୍ ଅଫ୍ ନର୍ସିଂର ପ୍ରିନ୍ସିପାଲ୍ ଏବଂ ଛାତ୍ରଛାତ୍ରୀ, ଜଗତସିଂହପୁର ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।



## ଘରେ ପଶିଗଲା କାର୍:୨ ଆହତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଭାରସାମ୍ୟ ହରାଇ ଘରକୁ ପଶିଗଲା ବଲେନୋ କାର୍ । ଏହି ଘଟଣାରେ ପରିବାରର ଦୁଇ ଜଣ ଆହତ ହୋଇଥିବା ଜଣାପଡିଛି । ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ସଂସାମୁରା ଛକରେ ଘଟଣାଟି ଘଟିଛି । ରବିବାର ଭୋର୍ ସକାଳୁ ସୋନପୁର ପଟରୁ ବିନିକା ପଟକୁ ଦ୍ରୁତଗତିରେ ଆସୁଥିଲା ଉକ୍ତ ବଲେନୋ କାର୍‌ଟି । କାର୍‌ରେ ନିଶା ଦ୍ରବ୍ୟ ଥିବା ସନ୍ଦେହ କରାଯାଉଛି । ଘଟଣାସ୍ଥଳରୁ ଡ୍ରାଇଭର ଫେରାର୍ ହୋଇଯାଇଛି । ମହାଦେବପାଲି ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ କାର୍‌କୁ ଜଗିଛି । ବିନିକା ଥାନା ପୋଲିସ ପହଞ୍ଚିବା ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗାଡିକୁ ଖୋଲାଯିବ ବୋଲି ସୂଚନା ମିଳିଛି । ପରିବାରର ଦୁଇଜଣ ସାମାନ୍ୟ ଆହତ ହୋଇଥିବା ବେଳେ ତାଙ୍କୁ ଚିକିତ୍ସା କରିବା ପାଇଁ ଡାକ୍ତରଖାନାକୁ ନିଆଯାଇଛି ।

## ଘୋଡ଼ାହାଡ଼ ଜଳସେଚନ ପ୍ରକଳ୍ପରେ ଅବ୍ୟବସ୍ଥା

**ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ**

ଦିଗପହଣ୍ଡି ବ୍ଲକର ବିଭିନ୍ନ ଗାଁକୁ ଘୋଡ଼ାହାଡ଼ ଡ୍ୟାମ୍‌ରୁ କେନାଲ୍ ଯୋଗେ ଖରିଫ ଏବଂ ରବି ଋତୁରେ ଜଳ ଯୋଗାଣ ହେଉଥିବା ବେଳେ ବିଭିନ୍ନ ସ୍ଥାନରେ ମରାମତି ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି । ହେଲେ ଫଳ ଶୂନ୍ । ଯେଉଁ ଗୋଦରକୁ ସେଇ ଗୋଦର । କେଉଁଠି କେନାଲ୍‌ରୁ ସିମେଣ୍ଟ ଖସିଲାଣି ତ ଆଉ କେଉଁଠୁ ପଥର । ଏପଟେ ଜଳ ଭଣ୍ଡାରରେ ଚଳିତ ବର୍ଷ କମ୍ ଜଳ ରହିଥିବାରୁ ୨୦୨୩-୨୦୨୪ ଆର୍ଥିକ ବର୍ଷରେ ବ୍ୟାପକ ମରାମତି ହୋଇଥିଲା । ହେଲେ କର୍ତ୍ତୃପକ୍ଷଙ୍କ ନିଘା ନଥିବାରୁ ଠିକାଦାର ଏବଂ ତଳିଆ କର୍ମଚାରୀଙ୍କ ସଲା ସୁତରାରେ ଦୁର୍ନୀତି ହୋଇଥିବାର ଅନୁମାନ କରାଯାଉଛି । ଏଭଳି ଠିକାଦାର ପୋଷା ନୀତି ଯୋଗୁଁ ଚାଷୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାହାଘର ବେଳେ ବାଇଗଣ ରୁଆ ଭଳି ଚାଷ ସମୟରେ ହିଁ ବିଭିନ୍ନ ସ୍ଥାନରେ ମରାମତି କାର୍ଯ୍ୟ ମନେପଡୁଛି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ୱତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧।୧୦।୨୦୨୪, ଆଶ୍ୱିନ ଦି୧୬ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୩୭।୩୧** **ଚନ୍ଦ୍ରୋଦୟ- ନିଘ୫।୦୫।୧୮**


**ଚତୁର୍ଦ୍ଦଶୀ-** ରାଘ ୯।୪୦ ପର୍ଯ୍ୟନ୍ତ । **ପୂର୍ବା ଫାଲ୍‌ଗୁନି ନକ୍ଷତ୍ର-** ଦିଘ ୯।୧୬ ପର୍ଯ୍ୟନ୍ତ । ସିଂହ ଚନ୍ଦ୍ର- ଦିଘ ୪।୦୨ ପଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । ଦିଘ ୪।୦୨ ଗତେ ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । ଦିଘ ୪।୦୨ ଗତେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୯।୪୦ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୧ ଗତେ ଘ ୬।୨୮ ମଧ୍ୟେ । ଦିଘ ୮।୩୯ ଗତେ ଘ ୧୧।୧୨ ମଧ୍ୟେ । **ପର୍ବୋତ୍ସବ -** ମଙ୍ଗଳ ଚତୁର୍ଦ୍ଦଶୀ ସ୍ନାନ, ଶସ୍ତ୍ରାସ୍ତ ହତ ମାନଙ୍କ ଶ୍ରାଦ୍ଧ ।



**ମେଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ୍ୟ ଲାଭ କରିବେ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**ବୃଷ:** କର୍ମକ୍ଷେତ୍ରରେ ଉଚ୍ଚ କର୍ମକର୍ତ୍ତା ଆପଣଙ୍କର ସାହାଯ୍ୟ ଲୋଡ଼ିବେ । ବାଦ ବିବାଦ ଜଟିଳ ହେଲେ ମଧ ସଫଳତା ମିଳିବ । ପୁରାତନ ବନ୍ଧୁ ଦର୍ଶନ ମିଳିବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଶାନ୍ତି ଅବ୍ୟାହତ ରହିବ ।



**ମିଥୁନ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ କରିବାର କ୍ଷମତା ଆସିବ । ଭାବ୍ୟବାନ୍ ହେବେ । ବ୍ୟବସାୟରେ ସମସ୍ୟାର ସମାଧାନ ହେବ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ଘରେ ଆନନ୍ଦ ଉଲ୍ଲାସ ଲାଗି ରହିବ ।




**କର୍କଟ:** କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ଖୁସି କରିବାକୁ ଯାଇ ଅପଦସ୍ଥ ହେବେ । ଦୟାଳୁ ହେବେ । ରାଜନୀତି କ୍ଷେତ୍ରରେ ନେତୃତ୍ୱ ଗ୍ରହଣ କରି ପ୍ରଶଂସିତ ହେବେ । ରୋଜଗାର ମଧ୍ୟମ ହେବ । ଗୃହରେ ସାମାନ୍ୟ ଦ୍ୱନ୍ଦ୍ୱ ।




**ସିଂହ:** ଆଜି ଦିନଟି ଆପଣଙ୍କ ପାଇଁ ଶୁଭ । ଅପରାହ୍ନେ ଶୁଭ ଖବର ମିଳିବ । ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ଅପଦସ୍ଥ ହେବେ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ରୋଜଗାରରେ ଉନ୍ନତି ହେବ ।




**କନ୍ୟା:** ଯାନବାହାନ କ୍ରୟ କରିବେ । ଶ୍ରେଷ୍ଠ ସମ୍ମାନର ଅଧିକାରୀ ହେବେ । ପରର ଉପକାର କରିବେ । ବ୍ୟୟ ଅପେକ୍ଷା ଆୟ ବଢ଼ିବ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଭ୍ରମଣ ଯୋଗ ମଧ ରହୁଛି ।




**ତୁଳା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ପ୍ରସନ୍ନତା ଲାଭ କରିବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ । ଆଜିର ଯାତ୍ରାରେ ସଫଳତା ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ।




**ବିଛା:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହୋଇଯିବ । ତଥାପି ଆଜି ଦିନଟା ଜଗିରଖି ଚଳିବେ । ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ । ବିଜୟୀ ହେବେ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ଶୁଭ ଖବର ପ୍ରାପ୍ତ ହେବ ।




**ଧନୁ:** ଯାତ୍ରା ଓ ବାଣିଜ୍ୟ କ୍ଷେତ୍ରରେ ସଫଳତା ମିଳିବ । କର୍ମକ୍ଷେତ୍ରରେ ଦାୟିତ୍ୱହୀନତା ଅଭାବରୁ ଅସୁବିଧାର ସମ୍ମୁଖୀନ ହେବେ । ଆୟର ପରିମାଣ ବଢ଼ିବ । ପରିବାରରେ ଶାନ୍ତି ବଜାୟ ରହିବ । ଦୟାଳୁ ହେବେ ।



**ମକର:** ଶତ୍ରୁମାନେ ପରାଜିତ ହେବେ । ଦେହ ଓ ମନ ଭଲ ରହିବ । ପରିବହନ କ୍ଷେତ୍ରରେ ସମସ୍ୟା ଦେଖାଦେବ । ଖର୍ଚ୍ଚର ପରିମାଣ ବଢ଼ିବ । ପାରିବାରିକ ସମସ୍ୟା ଲାଗି ରହିବ । ଶିକ୍ଷାରେ ଶୁଭଫଳ ମିଳିବ । ମହିଳାମାନେ ଗର୍ବୀ ହେବେ ।



**କୁମ୍ଭ:** ଅନେକ ଦିନ ଧରି ଅଟକି ରହିଥିବା କାର୍ଯ୍ୟ ଗୁଡ଼ିକ ତ୍ୱରାନ୍ୱିତ ହେବ । ଶାରୀରିକ ଅସୁସ୍ଥତା ଦେଖାଦେବ । ମନ ଅସ୍ଥିର ରହିବ । ରୋଜଗାରର ପରିମାଣ ବଢ଼ିବ । ଗୃହେ ଶାନ୍ତି ଲାଭ ହେବାର ସୂଚନା ।



**ମୀନ:** କର୍ମକ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ । ଅପରାହ୍ନେ ଟେନ୍‌ସନ୍ ଟିକେ ବଢ଼ିଯିବ । ଆଜିର ଯାତ୍ରାରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ । କାର୍ଯ୍ୟ ହାସଲ ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ୱତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨।୧୦।୨୦୨୪, ଆଶ୍ୱିନ ଦି୧୭ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୩୭।୪୬** **ଚନ୍ଦ୍ରୋଦୟ- ନାସ୍ତି**

**ଅମାବାସ୍ୟା-** ରାଘ ୧୨।୧୯ ପର୍ଯ୍ୟନ୍ତ । **ଉତ୍ତରା ଫାଲ୍‌ଗୁନି ନକ୍ଷତ୍ର-** ଦିଘ ୧୨।୨୩ ପର୍ଯ୍ୟନ୍ତ । କନ୍ୟା ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ରାଘ ୧୨।୧୯ ପରେ ପାଣି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୧ ଗତେ ଘ ୮।୦୩ ମଧ୍ୟେ । ଦିଘ ୧।୩୪ ଗତେ ଘ ୩।୫୬ ମଧ୍ୟେ । **ପର୍ବୋତ୍ସବ -** ମହାଳୟା, ତର୍ପଣ ଶେଷ, ନଷ୍ଟ ଚନ୍ଦ୍ରୋପବାସ, ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ, ବିଶ୍ୱ ବନ୍ୟପ୍ରାଣୀ ସପ୍ତାହ ।

30 YEARS
ସମ୍ବାଦ କଳିକା

# ଭାରତୀୟ ଷ୍ଟକ୍ ବଜାରରେ ୧୨,୧୭୦ କୋଟି ନିବେଶ

ଭାରତରେ ଲୋକସଭା ନିର୍ବାଚନ ଚାଲିଥିବା ବେଳେ ଫଳାଫଳକୁ ନେଇ ଅନିଶ୍ଚିତତା ଦେଖାଦେବାରୁ ମାର୍ଚ୍ଚ ପରଠାରୁ ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବିକ୍ରି କରିବା ଆରମ୍ଭ କରିଥିଲେ। ମେ' ମାସ ପର୍ଯ୍ୟନ୍ତ ସେହି ଧାରା ଜାରି ରହିଥିଲା। ଜୁନ୍ ୪ରେ ନିର୍ବାଚନ ଫଳ ପ୍ରକାଶ ପାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତୃତୀୟ ଥର ପାଇଁ ଶାସନ ଭାର ମିଳିଛି। ଏଥି ସହିତ ଭାରତରୁ ମୁହଁ ଫେରାଇଥିବା ବିଦେଶୀ ନିବେଶକମାନଙ୍କ ପ୍ରତ୍ୟାବର୍ତ୍ତନ ମଧ୍ୟ ହୋଇଛି। ବୈଦେଶିକ ପୋର୍ଟଫୋଲିଓ ନିବେଶକମାନେ ଭାରତୀୟ ଷ୍ଟକ୍ ବଜାରରେ ୧୨,୧୭୦ କୋଟି ଟଙ୍କା ନିବେଶ କରିଛନ୍ତି। ଚଳିତ ମାସର ପ୍ରଥମ ସପ୍ତାହରେ ସେମାନେ ୧୪,୭୯୪ କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ। କିନ୍ତୁ ଦ୍ୱିତୀୟ ସପ୍ତାହ ବେଳକୁ ସେଥିରେ ସୁଧାରର ସଙ୍କେତ ସ୍ପଷ୍ଟ ବାରି ହୋଇପଡ଼ିଥିଲା। କାରଣ ସେହି ସପ୍ତାହରେ ସେମାନେ ୩୦୬୪ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ। ଚଳିତ ବର୍ଷ ଜାନୁଆରିରେ ବିଦେଶୀ ନିବେଶକମାନେ ୨୫,୭୭୪ କୋଟି ଟଙ୍କା, ଏପ୍ରିଲ୍‌ରେ ୮,୬୭୧ କୋଟି ଟଙ୍କା ଏବଂ ମେ'ରେ ସର୍ବାଧିକ ୨୫,୫୮୬ କୋଟି ଟଙ୍କାର ସେୟାର ବିକ୍ରି କରିଥିଲେ। କିନ୍ତୁ ଫେବ୍ରୁୟାରୀ ମାସରେ ସେମାନେ ୧୫୩୯ କୋଟି ଟଙ୍କାର ସେୟାର ଏବଂ ମାର୍ଚ୍ଚରେ ୩୫,୦୯୮ କୋଟି ଟଙ୍କାର ସେୟାର କିଣିଥିଲେ।

ଜିଓଜିତ୍ ଫାଇନାନ୍ସିଆଲ୍ ସର୍ଭିସେସ୍‌ର ମୁଖ୍ୟ ନିବେଶ ଅଧିକାରୀ ଭି କେ ବିଜୟକୁମାର କହିଛନ୍ତି ଯେ ଯେଉଁଠାରେ ମୂଲ୍ୟ ଅଧିକ ସେହି ଷ୍ଟକ୍‌ଗୁଡ଼ିକୁ ବିଦେଶୀ ନିବେଶକମାନେ ବିକ୍ରି କରୁଥିବା ବେଳେ କମ୍ ମୂଲ୍ୟର ଷ୍ଟକ୍‌କୁ କିଣୁଛନ୍ତି। ଏହି ରଣନୀତି ନେଇ ସେମାନେ ଏବେ ଆଗକୁ ବଢୁଛନ୍ତି। ବିଦେଶୀ ନିବେଶକମାନେ ଭାରତର ଆର୍ଥିକ ସେବା, ଟେଲିକମ୍, ରିଅଲ୍ ଇଷ୍ଟେଟ୍, ଏଫ୍‌ଏମ୍‌ସିଜି, ଆଇଟି, ଧାତବ, ତୈଳ ଓ ଗ୍ୟାସ୍ କମ୍ପାନିଗୁଡ଼ିକର ସେୟାର କିଣୁଛନ୍ତି। ମୋଦି ସରକାରଙ୍କ ତୃତୀୟ ପାଳିରେ ସଂସ୍କାର ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ବିଦେଶୀ ନିବେଶକମାନଙ୍କ ଭିତରେ ଧାରଣା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଚୀନ୍ ଅର୍ଥନୀତି ନିମ୍ନମୁଖୀ ହେଉଥିବାରୁ ନିବେଶକମାନେ ଅଧିକ ରିଟର୍ଣ୍ଣ ଦେଉଥିବା ଭାରତୀୟ ବଜାର ମୁହାଁ ହୋଇଛନ୍ତି। ଆଗାମୀ ଦିନରେ ମଧ୍ୟ ବିଦେଶୀ ନିବେଶକମାନଙ୍କ ନିବେଶ ଜାରି ରହିବ ବୋଲି ଆଶା କରାଯାଉଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ହେ ଭଗବାନ**

ଗଢିବା ଭାଙ୍ଗିବା
ସବୁ ତୁମରି ଇଚ୍ଛା
ମିଛେ ଖାଲି ଭକ୍ତେ
କରୁଛୁ ପରୀକ୍ଷା
ହେ ଭଗବାନ
ଏହି କି ତୁମ୍ଭର ଲୀଳା ଦୁନିଆଁ
**ଭଗବାନ**

ଆତ୍ମାକୁ ବହୁ କଷ୍ଟ ଦେଲି
ନିଜ ଠାକୁର ନଚିହ୍ନିଲି (୧୦୦)
ଏପରି ମନଦୁଃଖ କରି
ଶୋଇଲି ବୃକ୍ଷ ଆଶ୍ରା କରି
(୧୦୧)

ଆତ୍ମାକୁ କଷ୍ଟ ହେଲା ଯେଣୁ
ଆତ୍ମାରୁ ବାଣୀ ହେଲା ତେଣୁ
(୧୦୨)

ଅନ୍ତର ବାହାରେ ଅନନ୍ତ
ମୁଁ ସବୁସ୍ୱ ଭୂତରେ ଉଦିତ (୧୦୩)

ତୋ ହୃଦ କମଳେ ମୁଁ ଅଛି
ନାମ ଅନନ୍ତ ପ୍ରକାଶୁଛି (୧୦୪)
ଏ ନାମ ହୃଦେ ତୁହି ଧରି
ଘୋର ସଂସାରୁ ହୁଅ ପାରି
(୧୦୫)

ଜୀବ ଜଗତ ମଧ୍ୟେ ଥାଇ
ଅନନ୍ତ ନାମ ଅଭିବାଇ (୧୦୬)

ଜାଣଇ ନାହିଁ ଦୁଃଖ ସୁଖ
ଜାଣଇ ନାହିଁ ଯୋଗ ଭୋଗ
(୧୦୭)

ଜାଣଇ ନାହିଁ ମନ୍ତ୍ର ଯନ୍ତ୍ର
ଜାଣଇ ନାହିଁ ମୁହିଁ ତନ୍ତ୍ର (୧୦୮)

କେବଳ ନାମ ମୋ ଭରସା
ଅନନ୍ତ ଛଡ଼ା ନାହିଁ ଆଶା (୧୦୯)

ବୁଝୁ ନ ବୁଝୁ ଏ ଜଗତ
କେବଳ ସାକ୍ଷୀ ମୋ ଅନନ୍ତ
(୧୧୦)

ଏ ଭାବେ ଜୀବନ କାଟୁଛି
ଅଭି ନ ଜାଣେ ଆନ କିଛି
(୧୧୧)

ସେ ଦିନୁ ଭକ୍ତ ଆତଜାତ
ଯେଣୁ ଅଛନ୍ତି ଶ୍ରୀ ଅନନ୍ତ (୧୧୨)

ଭକତ ଭଗବାନ ଖେଳ
ଭାବରେ ଖାଲି ମୁହିଁ ଭୋଳ
(୧୧୩)

ଯେଉଁଠି ପ୍ରଭୁ ଶ୍ରୀ ଅନନ୍ତ
ମୁହିଁ ତ ସେଠାରେ ନିମିତ୍ତ
(୧୧୪)

ଭକତ ଭାବେ ଭାବଗ୍ରାହୀ
ଉଚିତ ଫଳ ଦେବେ ସେହି (୧୧୫)

ବିଚାର କଉସା ମୋର ପ୍ରଭୁ
ଭାବ ଅଭାବ ସେହି ସବୁ (୧୧୬)
ସବୁସ୍ୱ ସମର୍ପିସ୍ନି ବସି ଅଛି
ନାମ କେବଳ ହୃଦେ ଅଛି(୧୧୭)

ଅନନ୍ତ ନାମ ସାକ୍ଷୀ ରଖି
ଭକତ ନାବ ବାହୁ ଅଛି (୧୧୮)
ମୁଁ ମୂଢ ଅଜ୍ଞାନୀ କୁନର
କରେ ନି ପ୍ରଭୁଙ୍କୁ ଜୁହାର (୧୧୯)

ଜାଣେନି ଦାସ ଭାବ ମୁହିଁ
ଜାଣିନି ଭଗବାନ କାହିଁ (୧୨୦)

ପ୍ରଚାର ପ୍ରସାର ଜାଣିନି
ଧୂପ ନୈବେଦ୍ୟ ମୁଁ ଜାଣିନି(୧୨୧)

ଅନ୍ତର ଆତ୍ମାରେ ଭଜୁଛି
କେବଳ ଭକ୍ତିରେ ଡାକୁଛି (୧୨୨)

ବିଶ୍ୱାସ ଫୁଲମାଳ ଧରି
ଡାକୁଛି ଆହେ ବଂଶଧାରୀ (୧୨୩)

ଶାନ୍ତିର ଜଳ ହସ୍ତ ରଖି
ଦେଉଛି ଆହେ ନନ୍ଦବସ୍ନି (୧୨୪)

ଶ୍ରଦ୍ଧାର ଫଳ ତୋତେ ଦେଇ
ଭକ୍ତିରେ ନୈବେଦ୍ୟ କରଇ (୧୨୫)

ଆଉମୋ ପାଶେ କିଛି ନାହିଁ
ରଖିଲେ ରଖ ଭାବଗ୍ରହୀ (୧୨୬)

ଏଥିରେ ଯଦି ତୁ ଆନନ୍ଦ
ତୋ ଭକ୍ତ ରଖ ଆଦିକନ୍ଦ (୧୨୭)

(କ୍ରମଶଃ)

# ଆଗ୍ନେୟଗିରି ଉଦ୍‌ଗୀରଣ କ'ଣ ଓ କାହିଁକି (୩)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪

ପୂର୍ବର ଆଲେଖ୍ୟରେ ଆମେ ଆଗ୍ନେୟଗିରି ବିଷୟରେ ସମ୍ୟକ ଚର୍ଚ୍ଚା କରିଥିଲୁ। ଭୂମିକମ୍ପ ପରି ଏହା ଅନ୍ୟ ଏକ ପ୍ରାକୃତିକ ଘଟନା । ଆଜି ସେ ବିଷୟରେ ଅଧିକ ଆଲୋଚନା କରିବା । କେତେଜଣ ପାଠକ ପ୍ରଥମ ଆଲେଖ୍ୟଟି ପଢିବା ପରେ ଆଗ୍ନେୟଗିରି ଉଦ୍ଗୀରଣର ଇତିହାସ, ଭାରତବର୍ଷ ଓ ନିର୍ଦ୍ଦିଷ୍ଟ ଭାବେ ଓଡିଶାରେ ଆଗ୍ନେୟଗିରି ଉଦ୍ଗୀରଣର ସମ୍ଭାବନା ବିଷୟରେ ଆଲୋକପାତ କରିବା ପାଇଁ ଅନୁରୋଧ କରିଛନ୍ତି। ସେ ବିଷୟରେ ପ୍ରସିଦ୍ଧ ସଂସ୍ଥାମାନଙ୍କର ଗବେଷଣାରୁ ଉଦ୍ଧୃତ ତଥ୍ୟ ସମ୍ବନ୍ଧରେ ଆଲୋଚନା କରିବା।

ଆଗ୍ନେୟଗିରି ଉଦ୍ଗୀରଣର ଇତିହାସ : ପୃଥିବୀର ଇତିହାସ ଗଠନରେ ଏବଂ ମାନବ ସଭ୍ୟତାକୁ ପ୍ରଭାବିତ କରିବାରେ ଆଗ୍ନେୟଗିରି ଉଦ୍ଗୀରଣ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଛୋଟ ଉଦ୍ଗୀରଣ ଠାରୁ ଆରମ୍ଭ କରି ବିପର୍ଯ୍ୟୟ ପର୍ଯ୍ୟନ୍ତ ଆଗ୍ନେୟଗିରି ଜଳବାୟୁ, ଭୂଗୋଳ ଏବଂ ସମାଜ ଉପରେ ପ୍ରଭାବ ପକାଇଛି । ଇତିହାସରେ କେତେକ ଗୁରୁତ୍ୱପୂର୍ଣ୍ଣ ଆଗ୍ନେୟଗିରି ଉଦ୍ଗୀରଣର ଏକ ସମୀକ୍ଷା ଏଠାରେ ଅଛି। ସମୟକୁ ଧ୍ୟାନ ଦେଲେ ଏହାକୁ ପ୍ରାଚୀନ ଉଦ୍ଗୀରଣ, ଐତିହାସିକ ଉଦ୍ଗୀରଣ, ଆଧୁନିକ ତଥା ସାମ୍ପ୍ରତିକ ସମୟର ଉଦ୍ଗୀରଣରେ ବିଭକ୍ତ କରାଯାଇପାରେ। ଏହାକୁ ଆମେ ଗୋଟିଏ ଗୋଟିଏ କରି ଦେଖିବା।

ପ୍ରାଚୀନ ଉଦ୍ଗୀରଣ:

୧। ମାଉଣ୍ଟ ତୋବା (୭୪,୦୦୦ ବର୍ଷ ପୂର୍ବେ) – ମାଉଣ୍ଟ ତୋବା ଇଣ୍ଡୋନେସିଆରେ ଅବସ୍ଥିତ। ତୋବା ପର୍ବତର ଉଦ୍ଗୀରଣ ଗତ ୨ ନିୟୁତ ବର୍ଷ ମଧ୍ୟରେ ସବୁଠାରୁ ବଡ ବୋଲି ବିବେଚନା କରାଯାଏ । ଏହା ବିଶ୍ୱର ତାପମାତ୍ରାକୁ ହ୍ରାସ କରି ସମ୍ଭବତଃ ପ୍ରାଥମିକ ମାନବଙ୍କ ମଧ୍ୟରେ ଜନସଂଖ୍ୟାକୁ ନେଇ ଏକ 'ଆଗ୍ନେୟଗିରି ଶୀତ' ସୃଷ୍ଟି କରିଥିବା ଅନୁମାନ କରାଯାଏ । ଏହାର ପ୍ରଭାବରେ ପାଉଁଶ ଦକ୍ଷିଣ ଏସିଆର ଅନେକ ଭାଗରେ ବ୍ୟାପିଗଲା ଏବଂ ଜଳବାୟୁ ପରିବର୍ତ୍ତନ ହୁଏତ ଅନେକ ବର୍ଷ ଧରି ରହିଥାଇପାରେ ।

୨। ଥେରା ମିନୋଆନ୍ ଉଦ୍ଗୀରଣ (ପ୍ରାୟ ୧୬୦୦ ଖ୍ରୀଷ୍ଟପୂର୍ବ) - ଥେରା ମିନୋଆନ୍ ଗ୍ରୀସ୍‌ର ସାଣ୍ଟୋରିନିରେ ଅବସ୍ଥିତ। କ୍ରିଟ୍ ଏବଂ ଏହାର ଆଖପାଖ ଅଞ୍ଚଳରେ ମିନୋ ସଭ୍ୟତାର ଅବନତିରେ ଏହାର ବିସ୍ଫୋରଣ ସମ୍ଭବତଃ ସହାୟକ ହୋଇଥିଲା । ଏହା ଆଟଲାଣ୍ଟିସ୍ କିମ୍ବଦନ୍ତୀର ଉତ୍ପତ୍ତି ମଧ୍ୟ ହୋଇପାରେ । ଏହାର ପ୍ରଭାବରେ ବୃହତ୍ ସୁନାମୀ ଏବଂ ବ୍ୟାପକ ପାଉଁଶ ଭୂମଧ୍ୟସାଗରରେ କୃଷି ଏବଂ ବାଣିଜ୍ୟକୁ ବ୍ୟାହତ କରିଥିଲା ପରି ଜଣାଯାଏ। ।

ଐତିହାସିକ ଉଦ୍ଗୀରଣ:

୩। ଭେସୁଭିୟସ୍ ପର୍ବତ (୭୯ ଖ୍ରୀଷ୍ଟପୂର୍ବ) – ଏହି ପର୍ବତ ଇଟାଲୀରେ ଅବସ୍ଥିତ। ଏହାକୁ ଇତିହାସର ଅନ୍ୟତମ ପ୍ରସିଦ୍ଧ ଉଦ୍ଗୀରଣ କୁହାଯାଏ କାରଣ ଏହା ଦୁଇଟି ପ୍ରମୁଖ ସହର ଯଥା ପମ୍ପିଓ ଏବଂ ହର୍କୁଲାନିଉମକୁ ପାଉଁଶ ଏବଂ ଆଗ୍ନେୟ ପଥର ତଳେ ପୋତି ଦେଇଥିଲା । ଏହାର ପ୍ରଭାବରେ ହଜାର ହଜାର ଲୋକଙ୍କର ମୃତ୍ୟୁ ଘଟିଥିଲା ଏବଂ ଅଷ୍ଟାଦଶ ଶତାବ୍ଦୀରେ ପୁନଃ ଆବିଷ୍କାର ନହେବା ପର୍ଯ୍ୟନ୍ତ ସହରଗୁଡିକ ଶତାବ୍ଦୀ ଧରି ମାଟି ତଳେ ହଜି ଯାଇଥିଲେ । ଆଜି ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତ୍ନତାତ୍ତ୍ୱିକ ସ୍ଥାନ ଭାବରେ ସର୍ବ ବିଦିତ।

୪। ସାମଲାସ୍ ପର୍ବତ (୧୨୫୭ ଖ୍ରୀଷ୍ଟପୂର୍ବ) - ଏହି ପର୍ବତଟି ଇଣ୍ଡୋନେସିଆରେ ଅବସ୍ଥିତ। ଏକ ବିଶାଳ ଉଦ୍ଗୀରଣ ବିଶ୍ୱ ଜଳବାୟୁ ଅସନ୍ତୁଷ୍ଟ କରିପାରିଥିଲା। ବରଫ ମୂଳ ନମୁନାଗୁଡିକ ଦର୍ଶାଏ ଯେ ଏହି ଉଦ୍ଗୀରଣ ବିଶ୍ୱର ତାପମାତ୍ରାରେ ଏକ ପ୍ରମୁଖ ହ୍ରାସ ଘଟାଇଛି । ୟୁରୋପ ଏବଂ ଏସିଆରେ ବ୍ୟାପକ ଫସଲ ହାନି, ଦୁର୍ଭିକ୍ଷ ଏବଂ ସାମାଜିକ ଉତ୍ତେଜନାରେ ଯୋଗଦାନ କରିଥିଲା।

୫। ହୁଏନାପୁଟିନା (୧୬୦୦ ଖ୍ରୀଷ୍ଟପୂର୍ବ) - ଏହି ପର୍ବତଟି ପେରୁରେ ଅବସ୍ଥିତ। ଏହା ଇତିହାସରେ ରେକର୍ଡ କରାଯାଇଥିବା ଦକ୍ଷିଣ ଆମେରିକାର ସବୁଠାରୁ ବଡ ଉଦ୍ଗୀରଣ, ଯାହା ଏକ ବିଶ୍ୱ ସ୍ତରୀୟ ଥଣ୍ଡା ସମୟକୁ ନେଇଥାଏ । ଏହାର ପ୍ରଭାବରେ ରୁଷିଆରେ ବ୍ୟାପକ ଦୁର୍ଭିକ୍ଷ ସୃଷ୍ଟି ହୋଇଥିଲା ଏବଂ ସମଗ୍ର ବିଶ୍ୱରେ କୃଷି ପ୍ରଭାବିତ ହୋଇ ଆର୍ଥିକ ବ୍ୟାଘାତ ଘଟାଇଲା ।

ଆଧୁନିକ ଉଦ୍ଗୀରଣ:

୬। ଲାକି ଉଦ୍ଗୀରଣ (୧୭୮୩ ଖ୍ରୀଷ୍ଟାବ୍ଦ ) – ଏହି ସ୍ଥାନଟି ଆଇସଲ୍ୟାଣ୍ଡରେ ଅବସ୍ଥିତ। ଲାକି ଫିସର୍ ବିସ୍ଫୋରଣ ୮ ମାସ ଧରି ଚାଲିଥିଲା, ଯାହାଦ୍ୱାରା ବହୁ ପରିମାଣର ସଲଫର୍ ଡାଇଅକ୍ସାଇଡ୍ ଏବଂ ଫ୍ଲୋରାଇନ୍ ଗ୍ୟାସ୍ ବାୟୁ ମଣ୍ଡଳକୁ ନିର୍ଗତ ହୋଇଥିଲା। ଏହି ବିସ୍ଫୋରଣ ଦ୍ୱାରା ଆଇସଲ୍ୟାଣ୍ଡରେ ପରିବେଶ ଏବଂ କୃଷି କ୍ଷତି ହୋଇ ଦୁର୍ଭିକ୍ଷର କାରଣ ହୋଇଥିଲା। ସଲଫର ଯୌଗିକ ବସ୍ତୁରୁ ଉତ୍ପନ୍ନ 'କୁହୁଡି' ୟୁରୋପରେ ତାପମାତ୍ରା ହ୍ରାସ କରିଥିଲା ଏବଂ ଫସଲ ବିଫଳତା ଏବଂ ଅର୍ଥନୈତିକ ଚାପ ଯୋଗୁଁ ଫରାସୀ ବିପ୍ଳବରେ ସହାୟକ ହୋଇପାରେ ।

୭। ଟାମ୍ବୋରା ପର୍ବତ (୧୮୧୫ ଖ୍ରୀଷ୍ଟାବ୍ଦ)- ଏହି ସ୍ଥାନଟି ଇଣ୍ଡୋନେସିଆରେ ଅବସ୍ଥିତ। ରେକର୍ଡ ହୋଇଥିବା ଇତିହାସରେ ଏହା ହେଉଛି ସର୍ବ ବୃହତ ଆଗ୍ନେୟଗିରି ଉଦ୍ଗୀରଣ, ଯାହାର ଉଦ୍ଗୀରଣ ସ୍ତମ୍ଭ ଷ୍ଟ୍ରାଟୋସ୍ଫିୟର (ପୃଥିବୀ ପୃଷ୍ଠରୁ ବାୟୁମଣ୍ଡଳର ୫୦ କିଲୋମିଟର ପର୍ଯ୍ୟନ୍ତ ସମତାପ ଅଞ୍ଚଳ) ଯାଇଥିଲା। ଏହି ବିସ୍ଫୋରଣ ପ୍ରଭାବରେ ୧୮୧୬ ମସିହା ଟି 'ବିନା ଗ୍ରୀଷ୍ମର ବର୍ଷ' ହୋଇଥିଲା ଯଦ୍ୱାରା ଫସଲ ବିଫଳତା, ଦୁର୍ଭିକ୍ଷ ଏବଂ ଜଳବାୟୁ ଅସ୍ୱାଭାବିକତା ସୃଷ୍ଟି କରିଥିଲା।

୮। କ୍ରାକାଟୋଆ (୧୮୮୩ ଖ୍ରୀଷ୍ଟାବ୍ଦ) – ଏହି ସ୍ଥାନଟି ଇଣ୍ଡୋନେସିଆରେ ଅବସ୍ଥିତ। କ୍ରାକାଟୋଆର ବିସ୍ଫୋରଣ ଇତିହାସରେ ସବୁଠାରୁ ଅଧିକ ଶବ୍ଦ ସୃଷ୍ଟି କରିଥିବା ରେକର୍ଡ ଅଛି ଏବଂ ଶକ୍ତିଶାଳୀ ସୁନାମୀ ସୃଷ୍ଟି କରିଥିଲା । ଏହାର ପ୍ରଭାବରେ ହୋଇଥିବା ସୁନାମୀ ଏବଂ ପାଇରୋକ୍ଲାଷ୍ଟିକ୍ ପ୍ରବାହ ଯୋଗୁଁ ୩୬,୦୦୦ ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ପାଇରୋକ୍ଲାଷ୍ଟିକ୍ ପ୍ରବାହ ହେଉଛି କଠିନ ଲାଭା ଖଣ୍ଡ, ଆଗ୍ନେୟଗିରି ପାଉଁଶ ଏବଂ ଗରମ ଗ୍ୟାସର ଏକ ଘନ, ଦ୍ରୁତ ଗତିଶୀଳ ପ୍ରବାହ। ଏହି ବିସ୍ଫୋରଣରୁ ପାଉଁଶ ବିଶ୍ୱବ୍ୟାପୀ ବ୍ୟାପିଗଲା, ବିଶ୍ୱର ପାଣିପାଗ ଢାଞ୍ଚାକୁ ପ୍ରଭାବିତ କରିଥିଲା ଏବଂ ମାସ ମାସ ଧରି ଚମତ୍କାର ସୂର୍ଯ୍ୟୋଦୟ ସୃଷ୍ଟି କଲା ।

୯। ପେଲି ପର୍ବତ (୧୯୦୨ ଖ୍ରୀଷ୍ଟାବ୍ଦ) – ଏହା କାରିବିଆନ୍ ଅଞ୍ଚଳର ମାର୍ଟିନିକ୍ ଠାରେ ହୋଇଥିଲା। ମାର୍ଟିନିକ୍ ଇତିହାସର ସବୁଠାରୁ ମାରାତ୍ମକ ଉଦ୍ଗୀରଣ, ଏହାର ବିନାଶକାରୀ ପାଇରୋକ୍ଲାଷ୍ଟିକ୍ ପ୍ରବାହ ପାଇଁ ଜଣାଶୁଣା । ଏହାର ପ୍ରଭାବରେ ସେଣ୍ଟ-ପିଆର ସହରକୁ ଧ୍ୱଂସ କରି ପ୍ରାୟ ୩୦,୦୦୦ ବାସିନ୍ଦାଙ୍କର ମୃତ୍ୟୁ ହୋଇଥିଲା। ପାଇରୋକ୍ଲାଷ୍ଟିକ୍ ପ୍ରବାହରୁ ଉପୁଜୁଥିବା ବିପଦର ଏହା ଏକ ପ୍ରସିଦ୍ଧ ଉଦାହରଣ ।

୧୦। ମାଉଣ୍ଟ ସେଣ୍ଟ ହେଲେନସ୍ (୧୯୮୦ ଖ୍ରୀଷ୍ଟାବ୍ଦ) – ଏହା ଆମେରିକାର ୱାଶିଂଟନ୍ ଠାରେ ହୋଇଥିଲା। ଏହା ଆଧୁନିକ ଯୁଗରେ ଯୁକ୍ତରାଷ୍ଟ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଗ୍ନେୟଗିରି ଉଦ୍ଗୀରଣ । ଏହି ବିସ୍ଫୋରଣରେ ଏକ ବଡ଼ ଧରଣର ଭୂସ୍ଖଳନ ଘଟିଥିଲା, ଆଖପାଖ ଜଙ୍ଗଲର ଏକ ବଡ଼ ଅଂଶ ନଷ୍ଟ ହୋଇଯାଇଥିଲା ଏବଂ ୫୭ ଜଣଙ୍କର ମୃତ୍ୟୁ ଘଟିଥିଲା। ପାଉଁଶ କୁହୁଡି ସମଗ୍ର ଯୁକ୍ତରାଷ୍ଟ୍ରରେ ବ୍ୟାପିଗଲା, ଯାହାଦ୍ୱାରା ଆର୍ଥିକ କ୍ଷତି ଘଟିଥିଲା।

୧୧। ପିନାଟୁବୋ (୧୯୯୧ ଖ୍ରୀଷ୍ଟାବ୍ଦ) – ଏହି ସ୍ଥାନଟି ଫିଲିପାଇନ୍ସରେ ଅବସ୍ଥିତ। ବିଂଶ ଶତାବ୍ଦୀର ସବୁଠାରୁ ବଡ ଉଦ୍ଗୀରଣ ମଧ୍ୟରୁ ଏହା ଗୋଟିଏ। ଏଠାକାର ଉଦ୍ଗୀରଣ ପାଉଁଶକୁ ୩୫ କିଲୋମିଟର ବାୟୁମଣ୍ଡଳକୁ ପଠାଇଥିଲା । ସଲଫର୍ ଡାଇଅକ୍ସାଇଡ୍ ନିର୍ଗମନ ହେତୁ ପରବର୍ତ୍ତୀ ବର୍ଷରେ ବିଶ୍ୱର ତାପମାତ୍ରା ପ୍ରାୟ ୦.୫° C ହ୍ରାସ ପାଇଲା, ଯାହା ବାୟୁମଣ୍ଡଳରେ ଏକ ପ୍ରତିଫଳିତ ସଲଫ୍ୟୁରିକ୍ ଏସିଡ୍ ଏରୋସୋଲ୍ ସ୍ତର ସୃଷ୍ଟି କରିଥିଲା ।

୧୨। ଆଇଜାଫଜାଲାଜୋକୁଲ୍ (୨୦୧୦ ଖ୍ରୀଷ୍ଟାବ୍ଦ) - ଏହି ସ୍ଥାନଟି ଆଇସଲ୍ୟାଣ୍ଡରେ ଅବସ୍ଥିତ। ଉଦ୍ଗୀରଣଟି ଅପେକ୍ଷାକୃତ ଛୋଟ ହୋଇଥିଲେ ମଧ୍ୟ ଏହା ବିମାନ ଯାତ୍ରା ବ୍ୟାଘାତ ପାଇଁ ପ୍ରସିଦ୍ଧ । ପାଉଁଶ ମେଘ ଅନେକ ସପ୍ତାହ ଧରି ୟୁରୋପରେ ବିମାନ ଚଳାଚଳ ବାଧାପ୍ରାପ୍ତ କରାଇ କୋଟି କୋଟି ଟଙ୍କା ରେ ଅର୍ଥନୈତିକ କ୍ଷତି ଘଟାଇଲା ।

ସାମ୍ପ୍ରତିକ ଉଦ୍ଗୀରଣ:

୧୩। ମାଉଣ୍ଟ ଆଗଙ୍ଗ (୨୦୧୭) - ଏହି ସ୍ଥାନଟି ଇଣ୍ଡୋନେସିଆରେ ଅବସ୍ଥିତ। ବାଲିରେ ଏହା ଏକ ପ୍ରମୁଖ ଆଗ୍ନେୟଗିରି ଉଦ୍ଗୀରଣ ଯାହା ଦ୍ୱାରା ହଜାର ହଜାର ଲୋକ ସ୍ଥାନାନ୍ତର ହୋଇଥିଲେ। ବିମାନଗୁଡିକ ବାତିଲ କରାଯାଇଥିଲା, ଏବଂ ସାଧାରଣ ଜୀବନଯାପନ ବାଧାପ୍ରାପ୍ତ ହୋଇଥିଲା, କିନ୍ତୁ ଠିକ୍ ସମୟରେ ସ୍ଥାନାନ୍ତର ହେତୁ କୌଣସି ବଡ଼ କ୍ଷତି ଘଟି ନଥିଲା ।

୧୪। ଟାଲ୍ ଆଗ୍ନେୟଗିରି (୨୦୨୦) - ଏହି ସ୍ଥାନଟି ଫିଲିପାଇନ୍ସରେ ଅବସ୍ଥିତ । ଏହି ଉଦ୍ଗୀରଣ ଏକ ବିରାଟ ପାଉଁଶ କୁହୁଡି ସୃଷ୍ଟି କରି ହଜାର ହଜାର ଲୋକଙ୍କୁ ସ୍ଥାନାନ୍ତର କରିବାକୁ ବାଧ୍ୟ କରିଥିଲା। ଏହି ଆଗ୍ନେୟଗିରି ଉଦ୍ଗୀରଣ ଆଖପାଖ ଅଞ୍ଚଳରେ ବହୁ ଅର୍ଥନୈତିକ କ୍ଷତି ଘଟାଇଥିଲା, ଯଦିଓ ପ୍ରତିଷେଧକ ବ୍ୟବସ୍ଥା ଯୋଗୁଁ ଲୋକ ମାନଙ୍କର ସର୍ବନିମ୍ନ କ୍ଷତି ହୋଇଥିଲା।

ସାରାଂଶରେ ଏତିକି କୁହାଯାଇପାରେ ଯେ ଆଗ୍ନେୟଗିରି ଉଦ୍ଗୀରଣ ମାନବ ଇତିହାସ ଉପରେ ଗଭୀର ପ୍ରଭାବ ପକାଇଛି, ଜଳବାୟୁ ଏବଂ କୃଷିକୁ ପ୍ରଭାବିତ କରିବା ଠାରୁ ଆରମ୍ଭ କରି ଜୀବନ ଏବଂ ସମ୍ପତ୍ତି ନଷ୍ଟ ହେବା ପର୍ଯ୍ୟନ୍ତ । ବିସ୍ଫୋରଣର ଇତିହାସ ଉଭୟ ସ୍ଥାନୀୟ ବିନାଶ ଏବଂ ବିଶ୍ୱ ଜଳବାୟୁ ପ୍ରଭାବର ସମ୍ଭାବନାକୁ ଦର୍ଶାଏ, ଏବଂ ଆଗ୍ନେୟଗିରି କାର୍ଯ୍ୟକଳାପ ଉପରେ ନଜର ରଖିବା ଏବଂ ଅଧିକ ଅନୁସନ୍ଧାନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ। ଆର ଥରକୁ ଆଗ୍ନେୟଗିରି ଉଦ୍ଗୀରଣକୁ ରୋକାଯାଇପାରିବ କି ନାହିଁ ଏବଂ ଭାରତରେ ନିର୍ଦ୍ଦିଷ୍ଟ ଭାବରେ ଓଡିଶାରେ ଆଗ୍ନେୟଗିରି ବିସ୍ଫୋରଣର କୌଣସି ସମ୍ଭାବନା ଅଛି କି, ସେ ବିଷୟରେ ଅଧିକ ଆଲୋଚନା କରିବା।

# ସନାତନ ଧର୍ମରେ ମହାଳୟା ଏବଂ ଦୁର୍ଗା ପୂଜା- ମହାଳୟା



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ସନାତନ ଧର୍ମାବଲମ୍ବୀ ମାନେ ପ୍ରତିବର୍ଷ ଆଶ୍ୱିନ ପ୍ରତିପଦା ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ମହାଳୟା ପିତୃପକ୍ଷ ଶ୍ରାଦ୍ଧ ଦେଇ ଥା'ନ୍ତି, ତେବେ ଏହି ପ୍ରଥା କେବେ ଠାରୁ ଚାଲି ଆସୁଛି ବା କାହା ଦ୍ୱାରା ଆରମ୍ଭ ହୋଇଛି ତାହା ସଠିକ୍ ଭାବେ କେହି କହି ପାରିବେ ନାହିଁ । ତ୍ରେତୟା ଯୁଗରେ ଶ୍ରୀ ରାମଚନ୍ଦ୍ର ପିତୃ ଶ୍ରାଦ୍ଧ ଦେଇ ଥିଲେ , ଦ୍ୱାପର ଯୁଗରେ ମଧ୍ୟ ପିଣ୍ଡ ଦାନ କଥା ଲେଖା ଅଛି, ବୈଦିକ ଯୁଗରୁ ମଧ୍ୟ ହୋଇଥାଇପାରେ । କଥାରେ ଅଛି 'ବିଶ୍ୱାସ ବଳେ ଏ ଜଗତ ପ୍ରାଣୀ ହୁଅନ୍ତି ଆତ ଜାତ' ଏହି ବିଶ୍ୱାସ ହିନ୍ଦୁ ମାନଙ୍କୁ ମହାଳୟା ପିତୃପକ୍ଷ ଶ୍ରାଦ୍ଧ ନିମନ୍ତେ ଆଗ୍ରହୀ କରାଇ ଥାଏ । ଆଶ୍ୱିନ ମାସର ପ୍ରଥମ ପକ୍ଷ 'ପିତୃ ପକ୍ଷ' ନାମରେ ସମସ୍ତେ ଜାଣନ୍ତି ଏବଂ ଅମାବାସ୍ୟା 'ମହାଳୟା ଅମାବାସ୍ୟା' ନାମରେ ପାଳିତ ହୁଏ । ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦାନ ଉତ୍ସର୍ଗ କରା ଯାଉଥିବାରୁ ଏହାକୁ 'ପିତୃପର୍ବ' ମଧ୍ୟ ଅନେକେ କୁହନ୍ତି । ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ତର୍ପଣ କଲା ପରେ ଅମାବାସ୍ୟା ( ମହାଳୟା ) ଦିନ ପିଣ୍ଡ ଦାନ କରାଯାଏ । ମହାଳୟା ଶ୍ରାଦ୍ଧ ପଛରେ ଏକ କିମ୍ବଦନ୍ତୀ ଅନାଦି କାଳରୁ ଶୁଣି ବାକୁ ମିଳେ, ସେହି କିମ୍ବଦନ୍ତୀକୁ ଯଦି ଆମେ ବିଶ୍ୱାସ କରିବା ତେବେ ତାହା ଆମକୁ ମହାଭାରତ ଯୁଦ୍ଧ ଆଡକୁ ଟାଣି ନିଏ, ମହାଭାରତ ଯୁଦ୍ଧରେ ମହାଦାନୀ କର୍ଣ୍ଣ ଯେତେବେଳେ ବୀର ଗତି ପ୍ରାପ୍ତ ହେଲେ ସେତେବେଳେ ତାଙ୍କର ଆତ୍ମା ସ୍ୱର୍ଗରେ ପହଞ୍ଚିଲା, ସେଠାରେ ଦେବତା ମାନେ ତାଙ୍କୁ ଖାଦ୍ୟ ରୂପେ ସୁବର୍ଣ୍ଣ, ହୀରା ଇତ୍ୟାଦି ଦେଇଥିଲେ । ଖାଦ୍ୟ ବଦଳରେ ମହାଦାନୀ କର୍ଣ୍ଣ ହୀରା, ସୁବର୍ଣ୍ଣ ଦେଖି ଦେବତା ମାନଙ୍କୁ ଏହି ବିଷୟରେ ଜିଜ୍ଞାସୁ ଦୃଷ୍ଟିରେ ଦେଖିଥିଲେ । ଦେବରାଜ ଇନ୍ଦ୍ର ଦାନବୀର କର୍ଣ୍ଣଙ୍କୁ ବୁଝାଇ ଦେଲେ କି, ସେ ସାରା ଜୀବନ ସମସ୍ତଙ୍କୁ ସ୍ୱର୍ଣ୍ଣ ତଥା ମୂଲ୍ୟବାନ ପଦାର୍ଥ ଦାନ କରି ଦାନୀ କର୍ଣ୍ଣ ନାମରେ ପରିଚିତ ହୋଇଥିଲେ କିନ୍ତୁ ସେ ତାଙ୍କ ଜୀବନ କାଳ ମଧ୍ୟରେ କାହାରିକୁ ଖାଦ୍ୟ ଦେଇ ନାହାନ୍ତି ଏପରିକି ପିତୃ ପୁରୁଷ, ବ୍ରାହ୍ମଣ ଜୀବ ଜନ୍ତୁ କୀଟ ପତଙ୍ଗ ଇତ୍ୟାଦି ତାଙ୍କ ହାତରୁ ଖାଦ୍ୟ ପାଇବାରୁ ବଞ୍ଚିତଥିଲେ । ତେଣୁ ତାଙ୍କୁ ଖାଦ୍ୟ ବଦଳରେ ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାର ଆଦି ଖାଦ୍ୟ ରୂପେ ଦିଆ ଯାଇଛି । ଏହା ଶୁଣି କର୍ଣ୍ଣ ଖୁବ୍ ଲଜ୍ଜିତ ହେଲେ ଏବଂ ଏହାର ପ୍ରାୟଶ୍ଚିତ କରିବାକୁ ଇଚ୍ଛା ପ୍ରକାଶ କରିବାରୁ ତାଙ୍କୁ ଯମ ମହାରାଜଙ୍କ ନିକଟକୁ ପଠାଇ ଦିଆ ଗଲା । ଯମ ସବୁ ଶୁଣିବା ପରେ ଦାନ ବୀର କର୍ଣ୍ଣଙ୍କୁ ପ୍ରାୟଶ୍ଚିତ ନିମନ୍ତେ ମର୍ତ୍ତ୍ୟ ଲୋକକୁ ୧୫ ଦିନ ନିମନ୍ତେ ପଠାଇ ଦେଇ ଥିଲେ । ମର୍ତ୍ତ୍ୟ ଲୋକରେ ଦାନବୀର କର୍ଣ୍ଣ ପିତୃ ପୁରୁଷ ମାନଙ୍କ ନିମନ୍ତେ ଯଥା ବିଧି ତର୍ପଣ କରି ଥିଲେ । ତେବେ ଏଠାରେ ପ୍ରଶ୍ନ ଉଠେ ମହାଳୟାରେ ଶ୍ରାଦ୍ଧ କେଉଁ ମାନଙ୍କୁ ଦିଆଯାଏ ? ପିତୃପକ୍ଷ ତଥା ମାତୃପକ୍ଷର ତିନି ତିନି ପୁରୁଷ ଏବଂ ଏକ ଲୁପ୍ତ ପୁରୁଷ ଏହିପରି ସାତ ଗୋଟି ପିଣ୍ଡ ଦାନ କରାଯାଏ । ଗୃହର ଜ୍ୟେଷ୍ଠ ପୁତ୍ର ଶ୍ରାଦ୍ଧ ଦିଅନ୍ତି, ପିତୃ ପୁରୁଷଙ୍କୁ ଶ୍ରଦ୍ଧାରେ ଦେଉଥିବା ଅର୍ଘ୍ୟ ( ପିଣ୍ଡ ଦାନ ) ହିଁ ଶ୍ରାଦ୍ଧ । କୃଷ୍ଣ ପକ୍ଷର ଶେଷ ଦିନ ହିଁ ମହାଳୟା ଅମାବାସ୍ୟା, ସେହି ପକ୍ଷରେ ପିତୃ ପୁରୁଷ ସ୍ୱର୍ଗ ଲୋକରୁ ମର୍ତ୍ତ୍ୟ ଲୋକକୁ ଖାଦ୍ୟ, ଜଳ ଗ୍ରହଣ କରିବାକୁ ଆସି ଥା'ନ୍ତି । ପୃଥିବୀର ଅନ୍ୟ କିଛି ଦେଶର ଅନ୍ୟ ଧର୍ମାବଲମ୍ବୀ ମାନେ ଏହି ମହାଳୟାକୁ ଅନ୍ୟ ରୂପରେ ପାଳନ କରନ୍ତି, ରୋମାନ୍ ମାନେ ମଧ୍ୟ ତାଙ୍କ ପୂର୍ବ ପୁରୁଷ ମାନଙ୍କ ନିମନ୍ତେ ନଅ ଦିନ ବ୍ୟାପି ଜଳ ଦାନ ପେରେଣ୍ଟଲିଆ ଉତ୍ସବ ମାଧ୍ୟମରେ ପାଳନ କରୁଛନ୍ତି । ମେକ୍ସିକୋ ଦେଶରେ ଏବେ ମଧ୍ୟ 'ଅଲ୍ ସୋଲସ ଡେ ' ପାଳନ କରା ଯାଏ, ୨୦୨୪ ମସିହା ଅକ୍ଟୋବର ୨୮ ତାରିଖରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଏହି ପର୍ବ ପାଳିତ ହେବ, ମୃତ ପରିବାର ପରିଜନମାନଙ୍କୁ ସମ୍ମାନ ଜଣାଇବା ପାଇଁ ଅନେକ ପରିବାର ଶ୍ମଶାନରେ ସ୍ୱତନ୍ତ୍ର ସମାବେଶ କରନ୍ତି । ବିଭିନ୍ନ ପ୍ରକାର ଭୂତ, ପ୍ରେତ, କଙ୍କାଳ, ପୋଷାକ ପରିଧାନ କରି ଶ୍ମଶାନ କବର ଗୁଡିକୁ ମହମ ବତୀ, ପୁଷ୍ପ ମାଲ୍ୟ, ପୁଷ୍ପ ଏବଂ ରଙ୍ଗୀନ କାଗଜ ସହିତ ସଜା ଯାଏ । ସେହି ଦିନର କାର୍ଯ୍ୟକ୍ରମ /ଉତ୍ସବ ଗୁଡିକରେ ବିଭିନ୍ନ ଲୋକପ୍ରିୟ ମେକ୍ସିକୋର ଖାଦ୍ୟ ଏବଂ ପାନୀୟ ଅନ୍ତର୍ଭୁକ୍ତ ଥାଏ । ସେହି ପରି ନିଜ ଅଭିଜ୍ଞତାରୁ ଦେଖିଛି ଇଣ୍ଡୋନେସିଆର ବାଲି ଦ୍ୱୀପ, ଥାଇଲ୍ୟାଣ୍ଡର ବିଭିନ୍ନ ସ୍ଥାନ/ ସହର, ମାଲେସିଆର କିଛି ସ୍ଥାନ ତଥା ଭିଏତନାମ ଦେଶର କିଛି ସ୍ଥାନରେ ପ୍ରତିଦିନ ସେମାନେ ନିଜ ଘର, ବ୍ୟବସାୟିକ ପ୍ରତିଷ୍ଠାନ, ହୋଟେଲ୍ ଇତ୍ୟାଦି ସାମନାରେ ଏକ ପତ୍ର ଠୋଲାରେ କିଛି ଖାଦ୍ୟ, ପାନୀୟ, ଫୁଲ, ଫଳ, ସିଗାରେଟ୍, ପାନ, ଥଣ୍ଡା ପାନୀୟ ବୋତଲ ସହିତ ଧୂପକାଠି ଜଳାଇ ପିତୃ ପୁରୁଷଙ୍କୁ ପୂଜା ଦିଅନ୍ତି । ଏହା ସେମାନଙ୍କର ଧର୍ମ ଭାବନା ବା ନିଜର ଦୃଢ଼ ବିଶ୍ୱାସ ସେ ଯାହା ହେଉ ନା କାହିଁକି ସେମାନେ ନିଜ ପିତୃ/ମାତୃ ପୁରୁଷଙ୍କୁ ପ୍ରତିଦିନ ଖାଦ୍ୟ ଦିଅନ୍ତି ଏହାହିଁ ବଡ କଥା । ଆଉ ଗୋଟିଏ କଥା ହେଲା ମହାଳୟା ପିତୃ ପକ୍ଷ ତଥା ମାତୃ ପକ୍ଷର ସନ୍ଧିସମୟ, ଆଶ୍ୱିନ ମାସ କୃଷ୍ଣ ପକ୍ଷ ଶେଷ ଏବଂ ଶୁକ୍ଳ ପକ୍ଷ ଆରମ୍ଭ, ସେହିଦିନ ଶ୍ରୀ ରାମଚନ୍ଦ୍ର ଦେବୀ ଦୁର୍ଗାଙ୍କର ପୂଜା କରିଥିଲେ । ପ୍ରାଚୀନ କାଳରେ ଦୁର୍ଗାପୂଜା ବସନ୍ତ କାଳରେ ହେଉଥିଲା ତେଣୁ କେହି କେହି ବାସନ୍ତୀ ଦୁର୍ଗା ପୂଜା କୁହନ୍ତି । ପ୍ରାଚୀନ କାଳରେ ସୁରଥ ନାମକ ଜଣେ ରାଜା ପ୍ରଥମେ ବସନ୍ତ କାଳରେ ଦୁର୍ଗା ପୂଜା ଆରମ୍ଭ କରିଥିଲେ । ଶ୍ରୀ ରାମଚନ୍ଦ୍ର ଲଙ୍କେଶ୍ୱରଙ୍କୁ ବଦ୍ଧ କରି ମା' ସୀତା ଦେବୀଙ୍କୁ ଉଦ୍ଧାର କରି ଆଣିବା ସମୟରେ ଶରତ କାଳୀନ ଦୁର୍ଗା ପୂଜାର ଆରମ୍ଭ କରିଥିଲେ । ଆମେ ମାନେ ମୋଟାମୋଟି ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ, ମହାଳୟା ପିତୃ ପକ୍ଷର ଶେଷ ଦିନ ଏବଂ ମାତୃ ପକ୍ଷର ଆରମ୍ଭ ଦିନ ଯାହାକି ମା ' ଦୁର୍ଗାଙ୍କ ପୂଜାର ସୂଚନା ଦିଏ ।

ଦୁର୍ଗା ପୂଜା :

**'ଯା ଦେବୀ ସର୍ବେ ଭୂତେଷୁ**
**ମାତୃ ରୂପେଣ ସଂସ୍ଥିତା...**
**ନମସ୍ତସ୍ୟୈ ନମସ୍ତସ୍ୟୈ**
**ନମସ୍ତସ୍ୟୈ ନମୋ ନମଃ...**

ସନାତନ ଧର୍ମରେ ଶକ୍ତି ପୂଜା ଆଦିମ କାଳରୁ ଚାଲି ଆସୁଛି , ଏହି ରୀତି ନୀତି ଯାହାକି ଐଶ୍ୱରିକ ଶକ୍ତିକୁ ମାତୃଶକ୍ତି ରୂପିଣୀ ମା'ଙ୍କ ପୂଜା କୁହାଯାଏ । ଶକ୍ତି ପୂଜା ବ୍ରହ୍ମାଣ୍ଡର ସୃଷ୍ଟି, ରକ୍ଷଣା ବେକ୍ଷଣ ଏବଂ ବିନାଶ ସହିତ ଜଡିତ ହୋଇ ରହିଛି, ଶକ୍ତି ପୂଜା ବିନା ଅନ୍ୟ ସବୁ ପୂଜା ସମ୍ପୂର୍ଣ୍ଣ ହୋଇ ନ' ଥାଏ ବୋଲି ପଣ୍ଡିତ ମାନଙ୍କ ମତ । ଯେପରିକି ଶିବ ଶକ୍ତି, ନବରାତ୍ରି, ଦୁର୍ଗା ପୂଜା, କାଳୀ ପୂଜା, ଇତ୍ୟାଦି , ମା' ଦୁର୍ଗା ଦୁର୍ଗତି ନାଶିନୀ ଶକ୍ତିର ଭଣ୍ଡାର ତାଙ୍କୁ ପୂଜା କରିବା ଦ୍ୱାରା ପୃଥିବୀ ତଥା ଜୀବ ଜଗତର ମଙ୍ଗଳ ସହିତ ଅସଂଖ୍ୟ ଭକ୍ତଙ୍କୁ ସୁଖ ଶାନ୍ତି ପ୍ରାପ୍ତ ହୋଇ ଥାଏ । ମା' ଦୁର୍ଗାଙ୍କ ପୂଜା ପଶ୍ଚିମ ବଙ୍ଗଳା ପ୍ରଦେଶରେ ଖୁବ୍ ଧୁମ୍ ଧାମରେ ନିଷ୍ଠାର ସହିତ ପାଳନ କରା ଯାଏ , ଏହାକୁ ନବରାତ୍ରି ପୂଜା ମଧ୍ୟ କୁହାଯାଏ । ତେବେ ଓଡ଼ିଶାରେ ମା' ଦୁର୍ଗାଙ୍କ ପୂଜା ୧୫ ଶ ଶତାବ୍ଦୀରୁ ହୋଇ ଆସୁଛି , ଶ୍ରୀ ଚୈତନ୍ୟ ଦେବ ଯେତେବେଳେ ଓଡିଶା ଆସିଥିଲେ ସେହି ସମୟରୁ ମା'ଙ୍କ ପୂଜା ଓଡ଼ିଶାରେ ଆରମ୍ଭ ହୋଇ ଅଦ୍ୟାବଧି ଖୁବ୍ ନିଷ୍ଠାର ସହିତ ପାଳିତ ହୋଇ ଆସୁଛି । ସମୟ ସହିତ ତାଳ ଦେଇ ପୂଜାର ରୂପ ରଙ୍ଗ ଅନେକାଂଶରେ ବଦଳି ଯାଇଛି । କଟକ ସହରରୁ ମା' ଙ୍କ ପୂଜା ଆରମ୍ଭ ହୋଇ ବର୍ତ୍ତମାନ ଓଡ଼ିଶାର ଅନ୍ୟ ସହର ତଥା ପୂର ପଲ୍ଲୀକୁ ମଧ୍ୟ ବ୍ୟାପି ଗଲାଣି । ପାର୍ବଣ ଋତୁ ଆସି ଗଲେ ସମସ୍ତେ ଚଳଚଞ୍ଚଳ ହୋଇ ଉଠନ୍ତି, ଆକର୍ଷିତ ପେଣ୍ଡାଲ ସୁନ୍ଦର ମୂର୍ତ୍ତି, ଆଖି ଝଲସାଇ ଦେବା ପରି ସାଜ ସଜ୍ଜା, ରଙ୍ଗୀନ ଆଲୋକ ମାଳା, ତୋରଣ, ସୁନା ଚାନ୍ଦିର ଆକର୍ଷଣୀୟ ମେଢ଼, ତଥା ମା'ଙ୍କ ମୂର୍ତ୍ତି ଦେଖି ସମସ୍ତେ ବିଭୋର ହୋଇ ଉଠନ୍ତି । ଭକ୍ତିପୂତ ଆରାଧନା ଦ୍ୱାରା ଭକ୍ତ ମାନେ ମା'ଙ୍କର ଆଶୀର୍ବାଦ ଲାଭ କରି ନିଜକୁ ଧନ୍ୟ ମନେ କରନ୍ତି । ଆମେ ନବରାତ୍ରି ବିଷୟରେ ସମ୍ୟକ ଜ୍ଞାନରୁ କିଛି ଆଲୋକ ପାତ କରିବା ।

ସନାତନ ଧର୍ମ ଅନୁସାରେ ପ୍ରତିବର୍ଷ ପାଞ୍ଚ ଥର ନବରାତ୍ରି ଉତ୍ସବ ପାଳନ କରା ଯାଇ ଆସୁଛି, ସେ ଗୁଡିକ ମଧ୍ୟରୁ ଦୁଇଟି ପ୍ରଧାନ, ଦୁଇଟି ଗୁପ୍ତ ଏବଂ ଗୋଟିଏ ଛୋଟ ନବରାତ୍ରି ବୋଲି ଧରା ଯାଏ । ଦୁଇଟି ପ୍ରମୁଖ ନବରାତ୍ରି ହେଲା ଚୈତ୍ର ନବରାତ୍ରି ଏବଂ ଶାରଦୀୟ ନବରାତ୍ରି ଚୈତ୍ର ଏବଂ ଅଶ୍ୱିନ ମାସରେ ପଡେ । ଗୁପ୍ତ ନବରାତ୍ରି ହେଲା ଆଷାଢ଼ ନବରାତ୍ରି ଏବଂ ମେଘ ବା ମାତଙ୍ଗୀ ନବରାତ୍ରି କୁହା ଯାଏ । ବସନ୍ତ ନବରାତ୍ରି :- ଏହା ନଅ ଦିନ ଧରି ପାଳିତ ହୋଇଥାଏ, ଚଳିତ ବର୍ଷ (୨୦୨୪ ମସିହା ) ଏହା ଅକ୍ଟୋବର ତିନି ତାରିଖରୁ ଅକ୍ଟୋବର ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଅକ୍ଟୋବର ତିନି ତାରିଖ ଘଟ ସ୍ଥାପନ ହୋଇ ଅକ୍ଟୋବର ୧୧ ତାରିଖ ମହାଷ୍ଟମୀ ତଥା ମହା ନବମୀ , ଅକ୍ଟୋବର ୧୨ ତାରିଖ ବିଜୟା ଦଶମୀ ଅନୁଷ୍ଠିତ ହେବାକୁ ଯାଉଛି ।

ହିନ୍ଦୁ ଶାସ୍ତ୍ର ପରମ୍ପରା ଅନୁଯାୟୀ ପରିବାର ଏବଂ ବନ୍ଧୁ ବାନ୍ଧବ ଏକତ୍ରିତ ହୋଇ ନବରାତ୍ରି ପାଳନ କରନ୍ତି । ଅଧିକାଂଶ ଲୋକ ଉପବାସ କରନ୍ତି ଏବଂ ଦେବୀଙ୍କ ପ୍ରାର୍ଥନାରେ ନିଜକୁ ଉତ୍ସର୍ଗ କରିଥା'ନ୍ତି । ଏହି ସମୟରେ ଗୁଜୁରାଟ ପ୍ରଦେଶରେ ଦାଣ୍ଡିଆ ନୃତ୍ୟ ଅନୁଷ୍ଠିତ ହୁଏ, ଅବଶ୍ୟ ବର୍ତ୍ତମାନ ସମୟରେ ଏହି ଦାଣ୍ଡିଆ ନୃତ୍ୟ ସାରା ଭାରତ କ'ଣ ଭାରତ ବାହାରେ ମଧ୍ୟ ଖୁବ୍ ଲୋକପ୍ରିୟ ହୋଇ ପାରିଛି । ନବରାତ୍ରି ସମୟରେ ଖୁବ୍ ନିଷ୍ଠାର ସହିତ ଭକ୍ତ ମାନେ ସାକାହାରୀ ଭୋଜନ ଗ୍ରହଣ କରନ୍ତି କିଛି ଭକ୍ତ ମଧ୍ୟ ଉପବାସ ରହି ଥିବାର ଦୃଷ୍ଟାନ୍ତ ରହିଛି । ପୂର୍ବ ଭାରତରେ ଏହି ପର୍ବ ଦୁର୍ଗାପୂଜା ଭାବରେ ପାଳନ କରାଯାଏ । ନବରାତ୍ରିର ନଅ ଦିନରେ ଦେବୀ ଦୁର୍ଗାଙ୍କର ବିଭିନ୍ନ ଅବତାରକୁ ପୂଜା କରାଯାଏ ଯଥା:- ଦେବୀ ଶିଳ ପୁତ୍ରି (ପ୍ରଥମ ଦିନ), ଦେବୀ ବ୍ରହ୍ମଚାରିଣୀ (ଦ୍ୱିତୀୟ ଦିନ), ଦେବୀ ଚନ୍ଦ୍ରଘଣ୍ଟା ( ତୃତୀୟ ଦିନ ), ଦେବୀ କୁଷ୍ମାଣ୍ଡା ( ଚତୁର୍ଥ ଦିନ ), ଦେବୀ ସ୍କନ୍ଦମାତା (ପଞ୍ଚମ ଦିନ) , ଦେବୀ କାତ୍ୟାୟାନୀ ( ଷଷ୍ଠ ଦିନ ), ଦେବୀ କାଳରାତ୍ରି ( ସପ୍ତମ ଦିନ ), ଦେବୀ ମହାଗୌରି ( ଅଷ୍ଟମ ଦିନ ) ଏବଂ ଦେବୀ ସିଦ୍ଧାତ୍ରି( ନବମ ଦିନ ) । ବିଶେଷ କରି ବଙ୍ଗ ବାସୀ ଖୁବ୍ ଉତ୍ସାହ ଉଦ୍ଦୀପନାର ସହିତ ସପରିବାର ଦୁର୍ଗାପୂଜା / ନବରାତ୍ରି ପାଳନ କରିବା ସହିତ ଦଶମୀ ତିଥିରେ ସିନ୍ଦୁର ଖେଳ ମାଙ୍କ ମୃଣ୍ମୟୀ ପିତୁଳା ସମ୍ମୁଖରେ କରି ଥାଆନ୍ତି । ପ୍ରତିଟି ସଧବା ସ୍ତ୍ରୀ ଲୋକ ଅନ୍ୟ ବିବାହିତା ସଧବା ମହିଳା ତଥା ମା'ଙ୍କୁ ସିନ୍ଦୁର ପିନ୍ଧାଇ ପରସ୍ପରର ଶୁଭ ମନାସୀ ଥା'ନ୍ତି, ପରଦିନ ମାଙ୍କର ମୃଣ୍ମୟୀ ମୂର୍ତ୍ତିକୁ ସସମ୍ମାନେ ନେଇ ନଦୀ ଜଳରେ ଲୋତକ ଭରା ଚକ୍ଷୁରେ ପ୍ଲାବିତ କରି ଫେରି ଆସି ଥା'ନ୍ତି । ଆମ ବିଶ୍ୱାସ ଆମକୁ ମୃଣ୍ମୟୀ ପିତୁଳା ମଧ୍ୟରେ ସ୍ୱୟଂ ମା' ଦୁର୍ଗାଙ୍କ ଉପସ୍ଥିତିକୁ ଅନୁଭବ କରାଇଥାଏ । ଅନେକ ସ୍ଥାନରେ ରାବଣ ପୋଡି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୁଏ ତଥା ଭକ୍ତ ମାନଙ୍କ ମନରେ ଅସତ୍ୟ ଉପରେ ସତ୍ୟର ବିଜୟ ନିମନ୍ତେ ରାବଣ ପୋଡି ଅନୁଷ୍ଠିତ ହୋଇ ଥାଏ । ଏହି ଅବସରରେ ଉତ୍ତର ଭାରତର ଅନେକ ରାଜ୍ୟରେ ରାମ ଲୀଳା ପରିବେଷଣ ହୁଏ । ବର୍ତ୍ତମାନ ସମୟରେ ମଧ୍ୟ ଇଣ୍ଡୋନେସିଆ ପରି ଏକ ଇସ୍ଲାମିକ ଦେଶର ବାଲି ଦ୍ୱିପରେ ପ୍ରତିଦିନ ରାମାୟଣ ଏବଂ ମହାଭାରତର ନାଟକ ପ୍ରଦର୍ଶିତ ହେଉଛି , ତାଙ୍କର ଧର୍ମ ଗ୍ରନ୍ଥର ନାମ ରାମାୟଣ ଏହା ଆମ ହିନ୍ଦୁଙ୍କ ପାଇଁ ଏକ ଗର୍ବର ବିଷୟ । ଅନେକ ଆଶା ଉଦ୍ଦୀପନା, ଭକ୍ତି ତଥା ବିଶ୍ୱ ଶାନ୍ତି ନିମନ୍ତେ ନଅ ଦିନ ବ୍ୟାପି ଦୁର୍ଗା ପୂଜା ଦଶହରା ଉତ୍ସବ ବିଜୟା ଦଶମୀ ଦିନ ଶେଷ ହୋଇଥାଏ।

ପ୍ରତିବର୍ଷ ଦୁର୍ଗା ପୂଜା / ନବରାତ୍ରି ଆସେ ଏବଂ ନିଜ ସମୟ ସହିତ ଚାଲି ଯାଏ, ତେବେ ସନାତନ ଧର୍ମାବଲମ୍ବୀ ମାନଙ୍କୁ ଭକ୍ତି ମାର୍ଗ/ ଅଧ୍ୟାତ୍ମିକ ମାର୍ଗରେ ପରସ୍ପର ସହିତ ଏକ ନିବିଡ଼ ସମ୍ପର୍କର ଡୋରିରେ ବାନ୍ଧି ଦିଏ । ସମୟ ସହିତ ତାଳ ଦେଇ ଅନେକ ସ୍ଥାନରେ ପୂଜା ପଦ୍ଧତିରେ ଅନେକ କିଛି ପରିବର୍ତ୍ତନ ଲକ୍ଷ୍ୟ କରା ଯାଉଛି ୫୦ /୬୦ ବର୍ଷ ପୂର୍ବେ ଯେପରି ଭକ୍ତିର ସହିତ ପୂଜା ଅନୁଷ୍ଠିତ ହେଉ ଥିଲା ତାହା କଣ ବର୍ତ୍ତମାନ ଦେଖିବାକୁ ମିଳୁଛି କି ? ହୁଏତ ୯୫ ଭାଗ କ୍ଷେତ୍ରରେ ନୁହେଁ । ଏକବିଂଶ ଶତାବ୍ଦୀରେ ଆମ ମାନଙ୍କର ମାନସିକତାକୁ ନେଇ ଭକ୍ତି ଅନେକାଂଶରେ ଶକ୍ତିରେ ପରିବର୍ତ୍ତନ ହେବାର ଲକ୍ଷ୍ୟ କରାଯାଉଛି, ଅହଂ ଭାବ ତଥା ନୀତି ହୀନ ପୂଜା ଅନେକ ସହରରେ ଦେଖିବାକୁ ମିଳୁଛି , ଗଗନଚୁମ୍ବି ତୋରଣ, ଆବଶ୍ୟକତା ଠାରୁ ଅଧିକ ସାଜ ସଜ୍ଜା, ସୁନା ରୁପାର ମେଢ଼ ନିମନ୍ତେ ପରସ୍ପର ସହିତ ପ୍ରତିଯୋଗିତା, କର୍ଣ୍ଣ ଫଟା ବାଦ୍ୟ, ଯନ୍ତ୍ର ସଂଗୀତ, ଭେଲିକି ଭେଲି ଆଲୋକ, ପରିବେଶ ପ୍ରତି ବିପଦ ଆଣୁଥିବା ଆତସ ବାଜିର ଖୁଲମ୍ ଖୁଲା ପ୍ରୟୋଗ ତଥା ଅର୍ଧ ଉଲଗ୍ନ ନୃତ୍ୟ, ନିଶା ସେବନ ସହିତ ଭସାଣି ଉତ୍ସବ କ'ଣ ଆମ ସଂସ୍କୃତି ପରମ୍ପରାକୁ ନିମ୍ନଗାମୀ କରୁ ନାହିଁକି ? ଅନୁଭବ କରିବା ଉଚିତ ଯେ, ଆମମାନଙ୍କ ଶକ୍ତିରେ ଭକ୍ତି ନଥାଏ ବରଂ ଭକ୍ତିରେ ଶକ୍ତି ଥାଏ, ତେଣୁ ସନାତନ ଧର୍ମ ଅନୁସାରେ ସମସ୍ତଙ୍କୁ ସମ୍ମାନ ଦେଇ ପୂଜାର୍ଚ୍ଚନା କରା ଯିବା ଉଚିତ୍ । ସକରାତ୍ମକ ପଦକ୍ଷେପ ଆମକୁ ତଥା ଆଗାମୀ ପିଢ଼ି ପାଇଁ ସଠିକ୍ ମାର୍ଗ ପ୍ରଦର୍ଶନ କରିବ ଏଥିରେ ଆଦୌ ସନ୍ଦେହ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ରୋମାଞ୍ଚକର ସ୍ଥିତିରେ ଦ୍ୱିତୀୟ ଟେଷ୍ଟ : ରନ୍ ବର୍ଷା ସହ ଦିନକରେ ପଡ଼ିଲା ୧୮ଟି ୱିକେଟ



**କାନପୁର**

ରୋମାଞ୍ଚକର ସ୍ଥିତିରେ ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ। କାନପୁରର ଗ୍ରୀନ୍ ପାର୍କ ଷ୍ଟାଡ଼ିୟମରେ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟେଷ୍ଟର ୪ର୍ଥ ଦିନରେ ଘଟିଛି ଅନେକ ଘଟଣା। ବର୍ଷା ଯୋଗୁ ମ୍ୟାଚ୍‌ର ଅଢ଼େଇ ଦିନ ବାତିଲ ହୋଇଥିବା ବେଳେ ୪ର୍ଥ ଦିନରେ ଭାରତ କରିଛି କମାଲ। ମ୍ୟାଚ୍ ଜିତିବା ଜିଦ୍‌ରେ ଥିବା ରୋହିତ ଶର୍ମା ଆଣ୍ଡ କୋ ଟେଷ୍ଟ ମ୍ୟାଚ୍‌କୁ ଟି-୨୦ ଭଳି ଖେଳିଛି। ୪ର୍ଥ ଦିନରେ କ୍ରିକେଟ ଫ୍ୟାନ୍ସ ରନର ବର୍ଷା ଦେଖିଥିବା ବେଳେ ଦିନକରେ ୧୮ଟି ୱିକେଟ ପଡ଼ିବାର ଦେଖିଛନ୍ତି।

୪ର୍ଥ ଦିନ ଖେଳ ଶେଷ ବେଳକୁ ବାଂଲାଦେଶ ତା'ର ଦ୍ୱିତୀୟ ଇନିଂସରେ ୨ ୱିକେଟ ହରାଇ ୨୬ ରନ କରିଛି। ଦଳ ଏବେ ଭାରତର ପ୍ରଥମ ଇନିଂସ ସ୍କୋର ଠାରୁ ୨୬ ରନ ପଛରେ ରହିଛି। ମଙ୍ଗଳବାର ମ୍ୟାଚ୍‌ର ଶେଷ ଦିନ। ଅନ୍ତିମ ଦିନରେ ଭାରତ ମ୍ୟାଚ୍ ଜିତିବା ପାଇଁ ପୂରା ଦମ୍ ଲାଗାଇବ। ସୋମବାର ବାଂଲାଦେଶ ଗୋଟିଏ ଦିନରେ ୯ଟି ଓ ଭାରତ ମଧ୍ୟ ୯ଟି ୱିକେଟ ହରାଇଛି।

ବର୍ଷା ଯୋଗୁ ପ୍ରଥମ ଦିନରୁ ବନ୍ଦ ହୋଇଥିବା ଖେଳ ସୋମବାର ୪ର୍ଥ ଦିନରେ ଆରମ୍ଭ ହୋଇଥିଲା। ବାଂଲାଦେଶ ୧୦୭/୩ରୁ ତା'ର ପ୍ରଥମ ଇନିଂସ ଆରମ୍ଭ କରିଥିଲା। ବାଂଲା ଟାଇଗର ପାଇଁ ଗୋଟିଏ ପଟେ ମୋମିନୁଲ ହକ୍ ଲଢ଼େଇ କରିଥିଲେ ହେଁ ଅନ୍ୟ ପଟେ କେହି ବି ତାଙ୍କୁ ସାଥ ଦେଇ ନଥିଲେ। ମୋମିନୁଲ ୧୦୭ ରନ କରି ଶେଷ ଯାଏ ଅପରାଜିତ ରହିଥିଲେ। ହେଲେ ବାଂଲାଦେଶ ତା'ର ପ୍ରଥମ ଇନିଂସରେ ୨୩୩ ରନ କରି ଅଲଆଉଟ୍ ହୋଇଯାଇ ଥିଲା। ଅର୍ଥାତ ବାଂଲାଦେଶ ସୋମବାର ପ୍ରଥମ ଇନିଂସରେ ୭ ୱିକେଟ ହରାଇଥିଲା। ଯଶପ୍ରୀତ ବୁମ୍‌ରା ସର୍ବାଧିକ ୩ଟି ୱିକେଟ ନେଇଥିବା ବେଳେ ମହମ୍ମଦ ସିରାଜ, ଆକାଶ ଦୀପ ଓ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଲେଖାଏଁ ସଫଳତା ପାଇଥିଲେ। ବାଂଲାଦେଶର ଶେଷ ବ୍ୟାଟରଙ୍କୁ ରବୀନ୍ଦ୍ର ଜାଡ଼େଜା ଆଉଟ୍ କରି ଟେଷ୍ଟ କ୍ୟାରିୟରରେ ନିଜର ୩୦୦ତମ ୱିକେଟ ଦଖଲ କରିଥିଲେ।

ବାଂଲାଦେଶ ଅଲଆଉଟ୍ ହେବା ପରେ ଭାରତ ତା'ର ପ୍ରଥମ ଇନିଂସ ଆରମ୍ଭ କରିଥିଲା। ପ୍ରଥମ ଓଭରରୁ ଯଶସ୍ୱୀ ଜୈସୱାଲ ଆକ୍ରମଣ ଆରମ୍ଭ କରିଥିଲେ। ସେ ୩ଟି ଚୌକା ମାରି ଭାରତର ଆଭିମୁଖ୍ୟ ସ୍ପଷ୍ଟ କରିଦେଇଥିଲେ। ପରବର୍ତ୍ତୀ ଓଭରରେ ରୋହିତ ଶର୍ମା କ୍ରମାଗତ ୨ଟି ଛକା ମାରିଥିଲେ। ଉଭୟ ୩ ଓଭରରେ ଦଳୀୟ ସ୍କୋରକୁ ୫୦ ରନରେ ପହଞ୍ଚାଇ ଦେଇଥିଲେ। ତେବେ ଦଳୀୟ ସ୍କୋର ୫୪ ଥିବା ବେଳେ ରୋହିତ ଶର୍ମା ୧୧ ବଲରେ ୨୩ ରନ କରି ପ୍ୟାଭିଲିୟନ ଫେରିଥିଲେ।

ଏହାପରେ ଯଶସ୍ୱୀ ଓ ଶୁବମନ ଗିଲ ଦ୍ରୁତ ଗତିରେ ରନ ସଂଗ୍ରହ କରିଥିଲେ। ଯଶସ୍ୱୀଙ୍କ ବ୍ୟାଟ୍‌ରୁ ମଧ୍ୟ ଆଉ ଏକ ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। ୩୧ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଯଶସ୍ୱୀ ଶେଷରେ ୫୧ ବଲ୍‌ରେ ୭୨ ରନ କରି ଆଉଟ୍ ହୋଇଥିଲେ। ପରେ ଶୁବମନ ଗିଲ୍ ୩୬ ବଲରେ ୩୯, ଋଷଭ ପନ୍ତ ୧୧ ବଲରେ ୯, ବିରାଟ କୋହଲି ୩୫ ବଲରେ ୪୭, କେଏଲ ରାହୁଲ ୪୩ ବଲରେ ୬୮ ଓ ଶେଷ ଭାଗରେ ଆକାଶ ଦୀପ ୫ ବଲରେ ୧୨ ରନ କରିଥିଲେ।

ସବୁ ବ୍ୟାଟର ଟି-୨୦ ଷ୍ଟାଇଲରେ ବ୍ୟାଟିଂ କରିବାରୁ ଭାରତର ସ୍କୋର ୩୫ ଓଭର ସୁଦ୍ଧା ୨୮୫ରେ ପହଞ୍ଚି ଯାଇଥିଲା। ଏହି ସମୟରେ ଦଳ ୯ଟି ୱିକେଟ ମଧ୍ୟ ହରାଇଥିଲା। ଦଳୀୟ ସ୍କୋର ୨୮୫/୯ ହୋଇଥିବା ବେଳେ ରୋହିତ ପ୍ରଥମ ଇନିଂସ ଘୋଷଣା କରିଥିଲେ। ଭାରତ ମାତ୍ର ୩୫ ଓଭର ବ୍ୟାଟିଂ କରି ୫୨ ରନର ଗୁରୁତ୍ୱପୂର୍ଣ୍ଣ ଲିଡ୍ ହାସଲ କରି ନେଇଥିଲା।

ବାଂଲାଦେଶ ପକ୍ଷରୁ ସାକିବ ଅଲ ହାସନ ଓ ମେହିଦ ହାସନ ମିରାଜ ୪ଟି ଲେଖାଏଁ ୱିକେଟ ନେଇଛନ୍ତି। ସୋମବାର ମ୍ୟାଚ୍‌ର ୪ର୍ଥ ଦିନ ହୋଇଥିବାରୁ ଭାରତ ଯଥାଶୀଘ୍ର ବାଂଲାଦେଶର ଦ୍ୱିତୀୟ ଇନିଂସକୁ ଶେଷ କରି ମ୍ୟାଚ୍ ଜିତିବା ମୁଡ୍‌ରେ ରହିଛି। ତେଣୁ ବାଂଲାଦେଶକୁ ପୁଣି ଦ୍ୱିତୀୟ ଇନିଂସ ଆରମ୍ଭ କରିବାକୁ ଭାରତ କହିଥିଲା। ବାଂଲାଦେଶ ଦ୍ୱିତୀୟ ଇନିଂସରେ ମଧ୍ୟ ସାମାନ୍ୟ ବ୍ୟାକ୍‌ଫୁଟ୍‌ରେ ରହିଛି। ଦଳ ୧୧ ଓଭର ବ୍ୟାଟିଂ କରି ୨ ୱିକେଟ ହରାଇ ୨୬ ରନ କରିଛି। ଏବେ ବି ଦଳ ଭାରତର ପ୍ରଥମ ଇନିଂସ ସ୍କୋର ଠାରୁ ୨୬ ରନ ପଛରେ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ କ୍ରିଜ୍‌ରେ ଶାଦମାନ ଇସଲାମ ୭ ଓ ପ୍ରଥମ ଇଂନିସରେ ଶତକ ହାସଲ କରିଥିବା ମୋମିନୁଲ ରହିଛନ୍ତି।

ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୨ଟି ଯାକ ୱିକେଟ ନେଇଛନ୍ତି। ସେ ପ୍ରଥମେ ଜାକିର ହାସନ(୧୦)ଙ୍କୁ ଏଲବିଡବ୍ଲ୍ୟୁ କରିଥିଲେ। ଏହାପରେ ନାଇଟ୍ ୱାଚ୍‌ମ୍ୟାନ୍ ଭାବେ ଆସିଥିବା ହାସନ ମେହମୁଦ(୪) ମଧ୍ୟ ତାଙ୍କ ବଲରେ ବୋଲ୍ଡ ହୋଇଥିଲେ।

## ବିଶ୍ୱର ୪ର୍ଥ ବ୍ୟାଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ କ୍ଲବ୍‌ରେ ବିରାଟ



**ନୂଆଦିଲ୍ଲୀ**

ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୩୫ ବଲ୍‌ରେ ୪୭ ରନ କରିଥିବା ବିରାଟ କୋହଲି ନୂଆ ରେକର୍ଡ କରିଛନ୍ତି। ସେ ବିଶ୍ୱର ଦ୍ରୁତତମ ବ୍ୟାଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ ପୂରଣ କରିବାକୁ ସକ୍ଷମ ହୋଇଛନ୍ତି।

ପ୍ରଥମ ଟେଷ୍ଟରେ ଯଥାକ୍ରମେ ୬ ଓ ୧୭ ରନ କରିଥିବା ବିରାଟ ସୋମବାର ୩୫ ରନ କରିବା କ୍ଷଣି ନୂଆ ରେକର୍ଡର ଅଧିକାରୀ ହୋଇଥିଲେ। ଏହାପରେ ସେ ଆଉ ୧୨ ରନ କରି ସାକିବ ଅଲ ହାସନଙ୍କ ବଲ୍‌ରେ କ୍ଲିନବୋଲ୍ଡ ହୋଇଯାଇଥିଲେ।

ବିରାଟ ଦ୍ରୁତତମ ତଥା ବିଶ୍ୱର ୪ର୍ଥ ବ୍ୟାଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ କରିଛନ୍ତି। ସେ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି। ସଚିନ ୬୨୩ଟି ଇନିଂସ ଖେଳିବା ପରେ ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ କରିପାରିଥିଲେ। କିନ୍ତୁ ବିରାଟ ୫୯୪ଟି ଇନିଂସରେ ଏପରି ରେକର୍ଡର ଅଧିକାରୀ ହୋଇଛନ୍ତି। ସଚିନ ଓ ବିରାଟଙ୍କ ବ୍ୟତୀତ କୁମାର ସାଙ୍ଗାକାର ୬୪୮ଟି ଇନିଂସ ଓ ରିକି ପଣ୍ଟିଂ ୬୫୦ଟି ଇନିଂସରେ ୨୭ ହଜାର ରନ ହାସଲ କରିଥିଲେ। ଅନ୍ୟପକ୍ଷରେ ସଚିନ ତେନ୍ଦୁଲକର ଅନ୍ତର୍ଜାତୀୟ କ୍ରିକେଟରେ ମୋଟ ୭୮୨ଟି ଇନିଂସରେ ୩୪,୩୫୭ ରନ କରିଥିବା ବେଳେ ତାଙ୍କ ପଛକୁ ସାଙ୍ଗାକାରା ୬୬୬ ଇନିଂସରେ ୨୮,୦୧୬ ରନ, ୬୬୮ ଇନିଂସରେ ରିକି ପଣ୍ଟିଂ ୨୭,୪୮୩ ରନ, ବିରାଟ କୋହଲି ୫୯୪ ଇନିଂସରେ ୧୭,୦୧୨ ରନ, ମାହେଲା ଜୟବର୍ଦ୍ଧନେ ୭୨୫ ଇନିଂସରେ ୨୫,୮୫୭ ରନ କରିଛନ୍ତି।

# ଅଶ୍ୱିନ ଓ କପିଲ ଦେବଙ୍କୁ ପଛରେ ପକାଇଲେ ରବୀନ୍ଦ୍ର ଜାଡେଜା

**ଟେଷ୍ଟ କ୍ରିକେଟରେ ୩୦୦ ୱିକେଟ ସହ ୩୦୦୦ ରନ ହାସଲ କରି ଏସିଆ ମହାଦେଶର ସବୁଠାରୁ ଦ୍ରୁତତମ ଖେଳାଳି ହେଲେ**



**ନୂଆଦିଲ୍ଲୀ**

ଭାରତୀୟ ଟିମ୍‌ର ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ଟେଷ୍ଟ କ୍ରିକେଟରେ ନୂଆ ରେକର୍ଡ କରିଛନ୍ତି। ସେ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟର ୪ର୍ଥ ଦିନରେ ଖାଲେଦ ଅହମଦଙ୍କୁ ଆଉଟ୍ କରି ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି। ଖାଲେଦଙ୍କୁ ଆଉଟ୍ କରି ଜାଡ଼େଜା ଟେଷ୍ଟ କ୍ରିକେଟରେ ନିଜର ୩୦୦ତମ ୱିକେଟ ଦଖଲ କରିଛନ୍ତି।

ଟେଷ୍ଟ କ୍ରିକେଟରେ ୩୦୦ ୱିକେଟ ସହ ୩୦୦୦ ରନ ହାସଲ କରିବାରେ ସେ ଭାରତ ତଥା ଏସିଆ ମହାଦେଶର ସବୁଠାରୁ ଦ୍ରୁତତମ ଖେଳାଳି ହୋଇଯାଇଛନ୍ତି। ରବୀନ୍ଦ୍ର ଜାଡେଜା ତୃତୀୟ ଭାରତୀୟ ଭାବେ ଏହି କ୍ଲବରେ ମଧ୍ୟ ସାମିଲ ହୋଇଛନ୍ତି। ଜାଡ଼େଜାଙ୍କ ବ୍ୟତୀତ କପିଲ ଦେବ ଓ ରବିଚନ୍ଦ୍ରନ ଅଶ୍ୱିନ ଏପରି ରେକର୍ଡର ଅଧିକାରୀ ରହିଛନ୍ତି। ତେବେ ବାମହାତୀ ଜାଡ଼େଜା ୩୦୦ ୱିକେଟ ଓ ୩ ହଜାର ରନ କରିବାରେ ଅଶ୍ୱିନ ଓ କପିଲ ଦେବଙ୍କୁ ପଛରେ ପକାଇ ଦେଇଛନ୍ତି।

ଉଭୟଙ୍କ ଠାରୁ କମ୍ ଇନିଂସ ଖେଳି ସେ ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। କପିଲ ଦେବ ୮୩ଟି ଓ ଅଶ୍ୱିନ ୮୮ଟି ମ୍ୟାଚ୍‌ରେ ଏପରି କୀର୍ତ୍ତିମାନ ହାସଲ କରିଥିଲେ। କିନ୍ତୁ ଜାଡେଜା ୭୩ଟି ମ୍ୟାଚ୍‌ରେ ୩୦୦ ୱିକେଟ ଓ ୩ ହଜାର ରନ କରିପାରିଛନ୍ତି।

ବିଶ୍ୱ ଟେଷ୍ଟ କ୍ରିକେଟ କଥା ବିଚାରକୁ ନେଲେ ଏହି ରେକର୍ଡ କରିବାରେ ଜାଡେଜା ଦ୍ୱିତୀୟ ଦ୍ରୁତତମ ଖେଳାଳି। ପ୍ରଥମ ସ୍ଥାନରେ ଇଂଲଣ୍ଡର ଇଆନ ବୋଥାମ ରହିଛନ୍ତି। ସେ ୭୨ଟି ଟେଷ୍ଟରେ ୩୦୦ ୱିକେଟ ନେବା ସହ ୩ ହଜାର ରନ କରିଥିଲେ। ଜାଡ଼େଜା ୭୩ତମ ମ୍ୟାଚ୍‌ରେ ଏପରି ରେକର୍ଡର ଅଧିକାରୀ ହୋଇଛନ୍ତି। ଅନ୍ୟପକ୍ଷରେ ଜାଡ଼େଜା ୭ମ ଭାରତୀୟ ଭାବେ ଟେଷ୍ଟ କ୍ରିକେଟରେ ୩୦୦ ୱିକେଟ ନେଇଛନ୍ତି। ସେ ୧୭୪୨୮ଟି ବଲ୍‌ରେ ଏହି ସଫଳତା ପାଇଥିବା ବେଳେ ତାଙ୍କ ଉପରେ ଅଶ୍ୱିନ ରହିଛନ୍ତି। ସେ ୧୫୬୩୬ଟି ବଲରେ ୩୦୦ ୱିକେଟ ନେଇଥିଲେ।

ଟେଷ୍ଟ କ୍ରିକେଟରେ ୩୦୦ ୱିକେଟ ନେଇଥିବା ଅନ୍ୟ ଭାରତୀୟମାନେ ହେଲେ ଅନୀଲ କୁମ୍ବଲେ (୬୧୯), ଅଶ୍ୱିନ(୫୨୪), କପିଲ ଦେବ(୪୩୪), ହରଭଜନ ସିଂହ (୪୧୭), ଈଶାନ୍ତ ଶର୍ମା(୩୧୧) ଓ ଜହିର ଖାନ(୩୧୧)।

# ଭାରତ ବିପକ୍ଷ ଟି-୨୦ ସିରିଜ୍ ପାଇଁ ବାଂଲାଦେଶ ସ୍କ୍ୱାଡ୍

**ନୂଆଦିଲ୍ଲୀ**

ଭାରତ ବିପକ୍ଷ ଟେଷ୍ଟରେ ଠିକ୍‌ଠାକ୍ ପ୍ରଦର୍ଶନ କରିଥିବା ଅଲରାଉଣ୍ଡର ମେହିଦ ହାସନ ମିରାଜ ଦୀର୍ଘ ୧୪ ମାସ ପରେ ବାଂଲାଦେଶର ଟି-୨୦ ସ୍କ୍ୱାଡ୍‌କୁ ଫେରିଛନ୍ତି। ଭାରତ ବିପକ୍ଷ ୩ ଟିକିଆ ଟି-୨୦ ସିରିଜ୍ ପାଇଁ ବାଂଲାଦେଶ ଘୋଷଣା କରିଥିବା ୧୫ ଜଣିଆ ସ୍କ୍ୱାଡ୍‌ରେ ମିରାଜ ଅଛନ୍ତି। ମିରାଜଙ୍କ ବ୍ୟତୀତ ବାମହାତୀ ବ୍ୟାଟର ପରଭେଜ ହୁସେନ ଇମୋନ ଓ ବାମହାତୀ ସ୍ପିନର ରକିବୁଲ ହାସନଙ୍କୁ ମଧ୍ୟ ସ୍କ୍ୱାଡ୍‌ରେ ରଖାଯାଇଛି।

ଅଭିଜ୍ଞ ସାକିବ ଅଲ ହାସନ ଟି-୨୦ରୁ ଅବସର ନେଇଥିବାରୁ ସେ ସ୍କ୍ୱାଡ୍‌ରେ ନାହାନ୍ତି। ସେହିପରି ନିକଟରେ ଆଇସିସି ଟି-୨୦ ବିଶ୍ୱକପ୍ ଦଳରେ ଥିବା ସୌମ୍ୟ ସରକାର ଓ ତନବୀର ଅହମଦଙ୍କୁ ମଧ୍ୟ ସୁଯୋଗ ମିଳିନାହିଁ। ବିଶ୍ୱକପ ସ୍କ୍ୱାଡ୍‌ରେ ରହିଥିବା ଅଧିକାଂଶ ଖେଳାଳି ଭାରତ ବିପକ୍ଷ ସିରିଜ୍ ପାଇଁ ଘୋଷଣା ହୋଇଥିବା ଦଳରେ ରହିଛନ୍ତି। ପୂର୍ବଭଳି ଦଳର କାମଣ ନଜମୁଲ ହୁସେନ ସାଣ୍ଟୋ ନେବେ। ତାଙ୍କ ସହ ଦଳରେ ଅଭିଜ୍ଞ ମହମ୍ମଦୁଲ୍ଲା ଓ ଲିଟନ ଦାସ ମଧ୍ୟ ରହିଛନ୍ତି।

ବାଂଲାଦେଶ ସ୍କ୍ୱାଡ୍ : ନଜମୁଲ ହୁସେନ ସାଣ୍ଟୋ(ଅଧିନାୟକ), ତାଞ୍ଜିଦ ହାସନ ତାମିମ, ପରଭେଜ ହୁସେନ ଇମୋନ, ତୱହିଦ ହୃଦୟ, ମହମ୍ମଦୁଲ୍ଲା, ଲିଟନ କୁମାର ଦାସ, ଜାକେର ଅଲୀ, ମେହିଦ ହାସନ ମିରାଜ, ଶାକ ମାହେଦି ହାସନ, ରିଶାଦ ହୁସେନ, ମୁସ୍ତାଫିଜୁର ରହମାନ, ତସ୍କିନ ଅହମଦ, ଶୋରିଫୁଲ ଇସଲାମ, ତାନଜିମ ହାସନ ସାକିବ ଓ ରକିବୁଲ ହାସନ।

# ଏଥର ଆଇପିଏଲ୍ ନିଲାମରେ ଭାଙ୍ଗିବ ସବୁ ରେକର୍ଡ



**ନୂଆଦିଲ୍ଲୀ**

ଆଇପିଏଲ ମେଗା ନିଲାମ ପୂର୍ବରୁ ବିସିସିଆଇ ରିଟେସନ୍ ସମ୍ବନ୍ଧୀୟ ନିୟମ ଘୋଷଣା କରିଛି। ଆଇପିଏଲ ଦଳ ସର୍ବାଧିକ ୫ ଖେଳାଳିଙ୍କୁ ବଜାୟ ରଖିବାରେ ସକ୍ଷମ ହେବେ। ଏହା ବ୍ୟତୀତ, ରାଇଟ ଟୁ ମ୍ୟାଚ (ଆରଟିଏମ୍) ମାଧ୍ୟମରେ ଜଣେ ପ୍ଲେୟାର ସାମିଲ କରିବାକୁ ସମର୍ଥ ହେବେ। ବର୍ତ୍ତମାନ ପର୍ଯ୍ୟନ୍ତ ଆଇପିଏଲ ଇତିହାସର ସବୁଠାରୁ ଦାମୀ ଖେଳାଳି ହେଉଛନ୍ତି ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ। କୋଲକାତା ନାଇଟ ରାଇଡର୍ସ ମିଚେଲ ଷ୍ଟାର୍କଙ୍କୁ ୨୪.୭୫ କୋଟି ଟଙ୍କାରେ ସାମିଲ କରିଥିଲା, କିନ୍ତୁ ଏଥର କେଉଁ ଖେଳାଳି ନିଲାମରେ ସର୍ବାଧିକ ଟଙ୍କା ଆୟ କରିବେ ତାହାକୁ ନେଇ ଚର୍ଚ୍ଚା ହେଉଛି। ୩ ଖେଳାଳିଙ୍କ ଉପରେ ସମସ୍ତଙ୍କ ନଜର ରହିଛି, ଯେଉଁମାନେ ସବୁଠାରୁ ମହଙ୍ଗା ବିକ୍ରି ହୋଇପାରିବେ।

ରୋହିତ ଶର୍ମା : ଆଇପିଏଲର ସବୁଠାରୁ ସଫଳ ଅଧିନାୟକଙ୍କ ମଧ୍ୟରେ ରୋହିତ ଶର୍ମାଙ୍କ ନାମ ସାମିଲ ହୋଇଛି। ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ୫ ଥର ରେକର୍ଡ ଜିତିଛି, କିନ୍ତୁ ବିଶ୍ୱାସ କରାଯାଏ ଯେ ମୁମ୍ବାଇ ଇଣ୍ଡିଆନ୍ସ ରୋହିତ ଶର୍ମାଙ୍କୁ ବଜାୟ ରଖିବ ନାହିଁ। ଯଦି ରୋହିତ ଶର୍ମା ନିଲାମର ଏକ ଅଂଶ ତେବେ ଆଇପିଏଲ ଦଳ ରୋହିତ ଶର୍ମାଙ୍କ ଉପରେ ଟଙ୍କା ବର୍ଷା କରିପାରିବେ।

ଗ୍ଲେନ ମ୍ୟାକ୍ସୱେଲ : ଆଇପିଏଲ ନିଲାମରେ ଗ୍ଲେନ ମ୍ୟାକ୍ସୱେଲଙ୍କ ଉପରେ ଟଙ୍କା ବର୍ଷା ହୁଏ। ଆଇପିଏଲ ଦଳ ମ୍ୟାକ୍ସୱେଲଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମ୍ୟାକ୍ସୱେଲଙ୍କୁ ରିଲିଜ୍ କରିବ ବୋଲି ବିଶ୍ୱାସ ରହିଛି। ଯଦି ଏହା ଘଟେ ତେବେ ମ୍ୟାକ୍ସୱେଲ ନିଲାମର ଏକ ଅଂଶ ହେବେ। ଗ୍ଲେନ ମ୍ୟାକ୍ସୱେଲ ନିଲାମରେ କୋଟି କୋଟି ଟଙ୍କା ପାଇପାରିବେ।

ସାମ କୁରାନ : ସାମ କୁରାନ ଆଇପିଏଲ ୨୦୨୪ ସିଜନରେ ପଞ୍ଜାବ କିଙ୍ଗ୍ସର ନେତୃତ୍ୱ ନେଇଥିଲେ। ସେହିରେ ପଞ୍ଜାବ କିଙ୍ଗ୍ସର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ଏହା ବ୍ୟତୀତ ସାମ କୁରାନ ଜଣେ ଖେଳାଳି ଭାବରେ ବିଫଳ ହୋଇଥିଲେ। ପଞ୍ଜାବ କିଙ୍ଗ୍ସ ଏକ ବଡ଼ ବିଡ୍ କରି ସାମ କୁରାନଙ୍କୁ ଯୋଡ଼ିଥିଲା, କିନ୍ତୁ ପଞ୍ଜାବ କିଙ୍ଗସ ସାମ କୁରାନଙ୍କୁ ରିଲିଜ୍ କରିବ ବୋଲି କୁହାଯାଉଛି। ଯଦି ସାମ କୁରାନ ନିଲାମର ଏକ ଅଂଶ, ତେବେ ସେ ଭଲ ପରିମାଣର ଟଙ୍କା ପାଇପାରିବେ।

## ଓଏଏର ସାଧାରଣ ପରିଷଦ ବୈଠକ

# ୭ରୁ ୯ତାରିଖ ପର୍ଯ୍ୟନ୍ତ ପୂର୍ବାଞ୍ଚଳ କନିଷ୍ଠ ଆଥ୍‌ଲେଟିକ୍ ପ୍ରତିଯୋଗିତା




**କଟକ**

ଓଡ଼ିଶା ଆଥ୍‌ଲେଟିକ୍ ସଂଘ (ଓଏଏ)ର ବାର୍ଷିକ ସାଧାରଣ ପରିଷଦ ବୈଠକ ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଡକ୍ଟର ଜି.ଏସ୍. ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ୪୭ଲକ୍ଷ ଟଙ୍କାର ବ୍ୟୟ ଅଟକଳପାରିତ ହୋଇଛି। ସେହିଭଳି ଅକ୍ଟୋବର ୭ତାରିଖରୁ ୯ତାରିଖ ପର୍ଯ୍ୟନ୍ତ ପୂର୍ବାଞ୍ଚଳ କନିଷ୍ଠ ଆଥ୍‌ଲେଟିକ୍ ପ୍ରତିଯୋଗିତା, ୨୫ତାରିଖରୁ ୨୯ ପର୍ଯ୍ୟନ୍ତ ଜାତୀୟ କନିଷ୍ଠ ଆଥ୍‌ଲେଟିକ୍ ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ କରାଯିବାକୁ ବୈଠକରେ ସ୍ଥିର ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଅଲିମ୍ପିକ ସଂଘ ମିଳିତ ଉଦ୍ୟମରେ ହେବାକୁ ଥିବା ଏହି ପ୍ରତିଯୋଗିତା ବିଷୟରେ ବିଷଦ ଆଲୋଚନା ହୋଇଥିଲା।

ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିବା ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଡକ୍ଟର ଆଶୀର୍ବାଦ ବେହେରାଙ୍କୁ ବରଗଡ଼ ଜିଲ୍ଲା ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ୟାରିସ୍ ଅଲିମ୍ପିକ୍ କାଂସ୍ୟ ପଦକ ହାସଲ କରିଥିବା ଭାରତୀୟ ହକର ତାରକା ଓଡ଼ିଆ ଖେଳାଳି ଅମିତ୍ ରୋହିଦାସଙ୍କୁ ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ୍ ୧ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରି ଉତ୍ସାହିତ କରିଥିଲେ। ସାଧାରଣ ପରିଷଦ ବୈଠକରେ ଓଏଏ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, ନଳିନୀ କୁମାର ଦାସ, ତାପସ କୁମାର ରାୟ ଚୌଧୁରୀ, ରଘୁନନ୍ଦନ ପାଢ଼ୀ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ, ସହସମ୍ପାଦକ ବିଭୂତି ଭୂଷଣ ପଣ୍ଡା, ରବିଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

GOVERENMENT OF ODISHA e-PROCUREMENT NOTICE
B-359
WORKS DEPARTMENT
Bid Identification No. S.E. CBT (R&B) 12/ 2024-25
charbatiadivision1@gmail.com
i. Name of the work : Building work-01 No
ii. Estimated cost : Rs 6,61,680/-
iii. Period of completion : 01 month (30 days)
iv. Date & time of availability of Bid documents in the portal: from 10.00 AM of 01.10.2024 to 07.10.2024 up to 5.00 PM for 'online" bidding
v. Last date/ time for receipt of Bids in the portal: 07.10.2024 up to 5.00 PM.
vi. Name and address of the officer inviting Bid : Superintending Engineer Charbatia (R&B) Division, Choudwar
Further details can be seen from the e-procurement portal http://www.tendersorissa.gov.in.
Any addendum/ corrigendum/ cancellation of tender can also be seen in the said website.
Sd/- Superintending Engineer
Charbatia (R&B) Division, Choudwar
OIPR-34092/11/0004/2425

ଜଗତସିଂହପୁର ପୌରପରିଷଦ,
ଜଗତସିଂହପୁର
C-697
OFFICE OF THE JAGATSINGHPUR MUNICIPALITY, JAGATSINGHPUR
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା
No 3262 / Date 30.09.2024
QUOTATION CALL NOTICE
Sealed quotations are invited from the Agencies & vehicle owner for providing 01 (One) no. of TUV300/Bolero/Sumo Gold/Ertiga Vehicle (Car) till the financial year 2024-25 and may be extended if such situation arises, for official use in this departments/office on monthly rental basis. The quotation completed in all respect should reach/ drop before the undersigned on or before dt. 08.10.2024 by 10 AM through Indian Regd. Post/ speed post only and shall be opened on same day at 11 AM in presence of the bidders or their authorized representatives in the chamber of the Chairperson, Jagatsinghpur Municipality .
The quotation paper along with the details specification, terms and conditions is available in the Jagatsinghpur district website https://jspurmunicipality.odisha.gov.in/ or https://jagatsinghpur.odisha.gov.in.
Sd/- Executive Officer
Jagatsinghpur Municipality
OIPR-13087/11/0003/2425

## ନାଳରେ ବୁଡ଼ି ଛେଳି ଚରାଳୀ ମୃତ

**ଘଟଗାଁ, ନ୍ୟୁଜ୍‌ବ୍ୟୁରୋ**

ନାଳରେ ବୁଡ଼ିଯାଇ ଜଣକର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ହେଲେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଥାନା ଅନ୍ତର୍ଗତ ଗୁଳାବନ୍ଧ ଗ୍ରାମର ଅଜୟ ନାଏକ (୪୦)। ସେ ଶୁକ୍ରବାର ଦିନ ଗ୍ରାମରୁ ଛେଳି ଚରାଇବା ପାଇଁ ତରଡିଆ ନାଳ ନିକଟକୁ ଯାଇଥିଲା। ସେଠାରେ ଶୌଚ କରିବା ପାଇଁ ଯାଇଥିବା ବେଳେ ନାଳରେ ଅଧିକ ପାଣି ଆସିଥିବା କାରଣରୁ ସେଠାରେ ସେ ବୁଡ଼ିଯାଇ ଥିଲା। ସନ୍ଧ୍ୟା ହେବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ ମଧ୍ୟ ପାଇନଥିଲେ। ରବିବାର ସକାଳୁ ତରଡିଆ ନାଳ କୂଳରେ ଏକ ଶବ ଭାସୁଥିବା ଖବର ପାଇବା ପରେ ଅଜୟର ପରିବାର ଲୋକ ପହଞ୍ଚି ପୁଲିସକୁ ଖବର ଦେଇଥିଲେ। ଆନନ୍ଦପୁର ପୋଲିସ ଙ୍କ ସହଯୋଗରେ ଶବକୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ଆଣିଥିବା ବେଳେ ଉକ୍ତ ଶବକୁ ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛନ୍ତି।

# ବିଶ୍ୱ ହୃଦୟ ଦିବସ ଅବସରରେ ମଣିପାଲ ହସ୍ପିଟାଲ ପକ୍ଷରୁ ମେଗା ୱାକାଥନ୍




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ଲୋକପ୍ରିୟ ହସ୍ପିଟାଲ ମଣିପାଲ ହସ୍ପିଟାଲ ଭୁବେନଶ୍ୱର ପକ୍ଷରୁ ବିଶ୍ୱ ହୃଦୟ ଦିବସ ପାଳନ କରାଯାଇଛି। ଏହି ଅବସରରେ ମଣିପାଲ ହସ୍ପିଟାଲ ପକ୍ଷରୁ ଏକ ବିଶାଳ ୱାକାଥନ୍‌ର ଅୟୋଜନ କରାଯାଇଥିଲା। କଳିଙ୍ଗ ଷ୍ଟାଡିୟମ୍‌ର ଗେଟ୍ ନମ୍ବର-୩ଠାରୁ ପାଲ୍ ହାଇଟ୍‌ସ୍ ଛକ ଯାଏଁ ଅନୁଷ୍ଠିତ ଏ ବିଶାଳ ୱାକାଥନରେ ୫୦୦ରୁ ଉର୍ଦ୍ଧ୍ୱ ଲୋକ ଭାଗ ନେଇଥିଲେ। ସାଧାରଣ ଲୋକଙ୍କ ନିମନ୍ତେ ହୃଦ୍‌ରୋଗ ସମ୍ପର୍କରେ ସେଚତନତା ସୃଷ୍ଟି କରିବା ଲକ୍ଷ୍ୟରେ ଅୟୋଜିତ ଏହି ୱାକାଥନ୍‌ର ଥିମ୍ ଥିଲା 'କନକ୍ଟେର୍ ହାର୍ଟ ହେଲ୍‌ଥ'। ମଣିପାଲ ହସ୍ପିଟାଲ ଦ୍ୱାରା ଅୟୋଜିତ ଏହି ବିଶାଳ ୱାକାଥନ୍‌କୁ ହସ୍ପିଟାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ରଙ୍କ ସମେତ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ଯଯାତି କେଶରୀ ପାଢ଼ୀ, ଡାକ୍ତର ଲିଙ୍ଗରାଜ ନାଥ, ଡାକ୍ତର ମେହଶ ପ୍ରସାଦ ଅଗ୍ରୱାଲ୍, ଡାକ୍ତର ଦିବ୍ୟରଞ୍ଜନ ବେହେରା, ଡାକ୍ତର ପ୍ରଦୀପ କୁମାର ଦାଶଙ୍କ ସମେତ ବରିଷ୍ଠ ହୃଦ୍‌ଶଲ୍ୟ ବିଶେଷଜ୍ଞ ଡାକ୍ତର ଜିତେନ୍ଦ୍ର ନାଥ ପଟ୍ଟନାୟକ, ଡାକ୍ତର ବିଶ୍ୱଜିତ ମହାପାତ୍ର ଏବଂ କାର୍ଡିଆ ଆନେସ୍ଥେସିଆ ଡାକ୍ତର ବିବେକ ଚୌଧୁରୀ ଫ୍ଲାଗ୍ ଅଫ୍ କରି ଉଦ୍‌ଘାଟନ କରିଥିଲେ। ଏହି ୱାକାଥନ୍ ସମ୍ପର୍କରେ ମଣିପାଲ ହସ୍ପିଟାଲ ଭୁବେନଶ୍ୱରର ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି, "ବିଶ୍ୱ ହୃଦୟ ଦିବସ ଅବସରରେ ଆମେ ସାଧାରଣଲୋକଙ୍କୁ ବିଭିନ୍ନ ପ୍ରକାର ହୃଦ୍‌ରୋଗ ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟରେ "ଏହି ବିଶାଳ ୱାକାଥନ୍" ଆରମ୍ଭ କରିଛୁ। ସାଧାରଣ ଲୋକଙ୍କୁ ହୃଦ୍‌ରୋଗର କାରଣ, ଲକ୍ଷଣ ଓ ପ୍ରତିକାର ବାବଦରେ ଅବଗତ କରାଇବା ମଣିପାଲ ହସ୍ପିଟାଲ୍‌ସ ଭୁବନେଶ୍ୱରର ଲକ୍ଷ୍ୟ। କାରଣ ଆମେ ହୃଦ୍‌ରୋଗ ବିଷୟରେ ସଚେତନ ହୋଇ ପାରିଲେ ବିଭିନ୍ନ ପ୍ରକାର ହୃଦ୍‌ରୋଗଠାରୁ ସୁରକ୍ଷିତ ରହି ପାରିବା।" ସକାଳ ୬ଟାରୁ ଆରମ୍ଭ ହୋଇଥିବା ଏହି ୱାକାଥନରେ ଲୋକଙ୍କୁ ମାଗଣାରେ ଟି-ସାର୍ଟ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଦିଆଯାଇଥିଲା। ଏହାକୁ ବାଦ୍ ଦେଲେ ଡାକ୍ତର ମାନେ ଏକ ସୁସ୍ଥ ହୃଦୟ ପାଇଁ ଆବଶ୍ୟକ ହେଉଥିବା ଜୀବନଶୈଳୀ ଜନିତ ପରିବର୍ତ୍ତନ ଉପରେ ମଧ୍ୟ ଗୁରୁତ୍ୱଦେଇଥିଲେ।

## ସହିଦ ଯବାନ ରମେଶ ହଲବାଙ୍କ ସ୍ମୃତି ଦିବସ ପାଳିତ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲାର ବୀର ସହିଦ ଯବାନ ରମେଶ ହଲବାଙ୍କ ସ୍ମୃତି ଦିବସ ପାଳିତ ହୋଇଯାଇଛି। ରବିବାର ନବରଙ୍ଗପୁର ସିଆରପିଏଫ ୧୨ ବାଟାଲିଆନର ଡେପୁଟି କମାଣ୍ଡାଣ୍ଟ ରାଜୀବ କୁମାର ଜିଲ୍ଲା ସଦର ମହକୁମାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଥିବା ସହିଦ ରମେଶ ହଲବାଙ୍କ ପ୍ରତିମୂର୍ତ୍ତି ନିକଟରେ ସମ୍ବଲପୁରରୁ ଆସିଥିବା ସିଆରପିଏଫର ବହୁ ଅଧିକାରୀ ଓ ଯବାନମାନେ ପହଞ୍ଚି ସହିଦ ରମେଶ ହଲବାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସହିଦ ଯବାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ତାଙ୍କର ସ୍ମୃତି ଚାରଣ କରିଥିଲେ। ସହିଦ ରମେଶ ହଲବା ୨୦୦୭ ମସିହାରେ ସିଆରପିଏଫରେ ସିପାହୀ ଭାବେ ଯୋଗଦେଇ ଜମ୍ମୁ କଶ୍ମୀରରେ କାର୍ଯ୍ୟରତ ଥିବାବେଳେ ଆତଙ୍କବାଦୀଙ୍କ ଗୁଳିରେ ୨୯.୯.୨୦୦୯ ମସିହାରେ ସହିଦ ହୋଇଥିଲେ। ତେବେ ତାଙ୍କର ଏହି ବଳିଦାନକୁ ଦେଶ ମାତୃକା କେବେ ଭୁଲିବ ନାହିଁ, ସେ ସଦାସର୍ବଦା ଏହି ଦେଶ ପାଇଁ ଅମର ହୋଇ ରହିବେ ବୋଲି ସିଆରପିଏଫର ଅଧିକାରୀ ଓ ଯବାନମାନେ ପ୍ରକାଶ କରିଥିଲେ। ଏହି ଅବସରରେ ସହିଦ ଯବାନଙ୍କ ପରିବାର ଲୋକେ, ବନ୍ଧୁ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ସହିଦ ରମେଶ ହଲବା ଅମର ରହେ ସ୍ଲୋଗାନ ଦେଇଥିଲେ।

ଭୁବନେଶ୍ୱର
୦୧ ଅକ୍ଟୋବର
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24


## ମିଲ୍‌ର ଚାହିଁଲେ ନେଇପାରିବେ ଅର୍ପଣ ଚାଉଳ: ଜିଲ୍ଲାପାଳ



**ପୁରୀ, ୩୦/୯ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ସମୟରେ ଜଗନ୍ନାଥଙ୍କୁ ଗାଡ଼ିରେ ବୁଲାଇ ଜନସାଧାରଣଙ୍କଠାରୁ ଯେଉଁ ଚାଉଳ ଦାନ ଆକାରରେ ସଂଗ୍ରହ କରାଯାଇଥିଲା ତାହାର ସ୍ଥିତିକୁ ନେଇ ପ୍ରଶ୍ନ ଉଠିଥିବାବେଳେ ଏସବୁ ଚାଉଳକୁ ମିଲ୍‌କୁ ଦେବାକୁ ଯୋଜନା କରିଛି ଜିଲ୍ଲା ପ୍ରଶାସନ। କୌଣସି ମିଲ୍ ଚାହିଁଲେ ଅର୍ପଣ ଚାଉଳକୁ ନେଇପାରିବେ ବୋଲି କହିଛନ୍ତି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ଅର୍ପଣ ଚାଉଳ ସମ୍ପର୍କରେ ଜିଲ୍ଲାପାଳ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, କୌଣସି ମିଲର୍ସ ଚାହିଁଲେ ଅର୍ପଣ ଚାଉଳ ନେଇପାରିବେ। ଏ ବାବଦରେ ଯେଉଁ ଟଙ୍କା ଆସିବ ତାହା ଶ୍ରୀମନ୍ଦିର ଆକାଉଣ୍ଟରେ ଜମା ହେବ। ସେହିପରି ଆଗକୁ କାର୍ତ୍ତିକ ମାସ ଆସୁଥିବାରୁ ହବିଷ୍ୟାଳିଙ୍କ ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ପ୍ରସ୍ତୁତି କରାଯାଉଛି ବୋଲି ଜିଲ୍ଲାପାଳ କହିଛନ୍ତି। ଏଥିପାଇଁ ଅଢ଼େଇ ହଜାର ମହିଳା ଆବେଦନ କରିପାରିବେ ବୋଲି ସେ କହିଛନ୍ତି।

## ତିରୁପତିଙ୍କୁ ଦର୍ଶନ କଲେ ସିଜେଆଇ : ପ୍ରଭୁ ଭେଙ୍କଟେଶ୍ୱରଙ୍କୁ କଲେ ପ୍ରାର୍ଥନା


**ନୂଆଦିଲ୍ଲୀ, ୩୦/୯**

ତିରୁପତି ମନ୍ଦିରର ଲଡ୍ଡୁକୁ ନେଇ ବିବାଦ ଜାରି ରହିଛି । ପ୍ରସାଦରେ ପଶୁ ଚର୍ବି ଏବଂ ଅପମିଶ୍ରିତ ଘିଅ ମିଶା ଯାଉଥିବା ଅଭିଯୋଗ ସାମ୍ନାକୁ ଆସିଥିଲା ବେଳେ ଏହାକୁ ନେଇ ସାରା ଦେଶରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ମାମଲାରେ ସୋମବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି । ଏହା ପୂର୍ବରୁ ହଠାତ୍ ତିରୁପତି ମନ୍ଦିରରେ ପହଞ୍ଚିଛନ୍ତି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ । ପରିବାର ସହ ମନ୍ଦିରରେ ପହଞ୍ଚି ସିଜେଆଇ ଚନ୍ଦ୍ରଚୂଡ଼ ଭଗବାନ ଭେଙ୍କଟେଶ୍ୱରଙ୍କୁ ପୂଜା କରିଛନ୍ତି । ପରିବାର ସଦସ୍ୟଙ୍କ ସହ ତାଙ୍କୁ ଭାଇକୁଣ୍ଠା ରୋ କମ୍ପ୍ଲେକ୍ସରେ ତିରୁମାଲା ତିରୁପତି ଦେବସ୍ଥାନମ ଅଧିକାରୀମାନେ ସ୍ୱାଗତ କରିଥିଲେ । ଏଥିସହ ସିଜେଆଇଙ୍କୁ ପ୍ରସାଦ ସ୍ୱରୂପ ତିରୁପତିଙ୍କ ଲଡ୍ଡୁ ଦିଆଯାଇଛି । ମନ୍ଦିରରେ ପ୍ରଭୁ ଭେଙ୍କଟେଶ୍ୱରଙ୍କୁ ଦର୍ଶନ ପରେ ତିରୁପତି ଏୟାରପୋର୍ଟରେ ପହଞ୍ଚି ଘରକୁ ଫେରିଥିଲେ।



## ଅର୍ଥମନ୍ତ୍ରୀଙ୍କ ବିରୋଧରେ ରୁଜୁ ଏଫ୍‌ଆଇଆର ଉପରେ ହାଇକୋର୍ଟଙ୍କ ରୋକ

**ବେଙ୍ଗାଲୁରୁ ୩୦ ।୯**



ଇଲେକ୍ଟୋରାଲ ବଣ୍ଡ ମାମଲାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ଅନ୍ୟଙ୍କ ବିରୋଧରେ ରୁଜୁ ଏଫଆଇଆର ଉପରେ କର୍ଣ୍ଣାଟକ ହାଇକୋର୍ଟ ସୋମବାର ଅନ୍ତରୀଣ ରୋକ ଲଗାଇ ଦେଇଛନ୍ତି। ଅକ୍ଟୋବର ୨୨ ତାରିଖ ପର୍ଯ୍ୟନ୍ତ ଏହି ରୋକ ବଳବତ୍ତର ରହିବ। ଏହି ମାମଲାର ସହଅଭିଯୁକ୍ତ କର୍ଣ୍ଣାଟକ ବିଜେପିର ତତ୍କାଳୀନ ଅଧ୍ୟକ୍ଷ ନଳିନୀ କୁମାର କଟିଲଙ୍କ ବିରୋଧରେ ରୁଜୁ ଏଫଆଇଆର ଉପରେ ଜାରି ପରବର୍ତ୍ତୀ ଯାଞ୍ଚକୁ ମଧ୍ୟ ରୋକି ଦିଆଯାଇଛି। କଟିଲ ନିର୍ବାଚନୀ ବଣ୍ଡ ନାମରେ ଜୋର ଜବରଦସ୍ତ ଅସୁଲି କରିଥିବାର ଅଭିଯୋଗ ହୋଇଥିଲା। ଏହି ମାମଲାର ଆଗାମୀ ଶୁଣାଣି ଅକ୍ଟୋବର ୨୨ ତାରିଖରେ ହେବ। ମାମଲାରେ କର୍ଣ୍ଣାଟକ ଉଚ୍ଚନ୍ୟାୟାଳୟ କହିଛନ୍ତି ଯେ ପ୍ରତିବାଦୀଙ୍କ ଦ୍ୱାରା ଆପତ୍ତି କରାଯିବା ପର୍ଯ୍ୟନ୍ତ, ପ୍ରିମା ଫେସି ଯାଞ୍ଚର ଅନୁମତି ଦେବା ଆଇନ ପ୍ରକ୍ରିୟାର ଦୁରୁପଯୋଗ ହେବ। ଏଣୁ ଆଗାମୀ ଶୁଣାଣି ତାରିଖ ପର୍ଯ୍ୟନ୍ତ ମାମଲାର ପରବର୍ତ୍ତୀ ଯାଞ୍ଚ ରୋକାଯିବା ଉଚିତ ମନେ କରାଯାଉଛି।

### ଭଦ୍ରକ ଓ ସୋନପୁର ଜିଲ୍ଲା ନେତୃମଣ୍ଡଳୀ ଓ କର୍ମକର୍ତ୍ତାଙ୍କୁ ଭେଟିଲେ ବିଜେଡି ସୁପ୍ରିମୋ

## ସାମ୍ପ୍ରଦାୟିକ ଅଶାନ୍ତି ଓଡ଼ିଶାର ଛବିକୁ ମଳିନ କରିଛି : ନବୀନ

**ଶାନ୍ତି ଓ ସଦ୍‌ଭାବ ରକ୍ଷା ପାଇଁ କାମ କରିବାକୁ ଦେଲେ ପରାମର୍ଶ**



**ଭୁବନେଶ୍ୱର, ୩୦/୯ ନ୍ୟୁଜ ବ୍ୟୁରୋ**

ସୋମବାର ଶଙ୍ଖ ଭବନ ଠାରେ ଭଦ୍ରକ ଓ ସୋନପୁର ଜିଲ୍ଲାର ସାଂଗଠନିକ ପଦାଧିକାରୀ ଓ ନେତୃବୃନ୍ଦଙ୍କ ବୈଠକ ଅନୁଷ୍ଠିତ ହୋଇ ସଂଗଠନକୁ ମଜବୁତ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଉଦ୍‌ବୋଧନ ଦେଇ ଦଳ ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ, ବିଜେଡି ସରକାରର ୨୪ବର୍ଷ ଶାସନରେ ରାଜ୍ୟର ସବୁ ଅଞ୍ଚଳ ଓ ସବୁ କ୍ଷେତ୍ରର ବିକାଶକୁ ପ୍ରାଥମିକତା ଦିଆଯାଇଥିଲା। ବିଜେପି ସରକାର ଆସିବାର ତିନି ମାସ ଭିତରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ସାମ୍ପ୍ରଦାୟିକ ଅଶାନ୍ତି ଓଡ଼ିଶାର ଛବିକୁ ମଳିନ କରିଛି। ପ୍ରଥମେ ବାଲେଶ୍ୱର ଓ ଏହା ପରେ ଖୋର୍ଦ୍ଧା, ଧାମନଗର ଓ ଭଦ୍ରକରେ ସାମ୍ପ୍ରଦାୟିକ ଅଶାନ୍ତି ସରକାରଙ୍କ କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଶ୍ରୀ ପଟ୍ଟନାୟକ କହିଲେ ଶାନ୍ତି ଓ ସଦ୍‌ଭାବ ଓଡ଼ିଶାର ପରିଚୟ। ଏହାକୁ ବଜାୟ ରଖିବା ପାଇଁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ବିଜେଡି ସରକାର ସମୟରେ ଗରିବୀ ହ୍ରାସ ପାଇଁ ଅନେକ କାମ ହୋଇଛି। ଯାହା ଆଜି ସୁଫଳ ଦେଇଛି ଏବଂ ଏହା ୭୦%ରୁ କମି ୧୦%ରେ ପହଞ୍ଚିଛି। ବିକାଶର ବିଭିନ୍ନ ସୂଚକାଙ୍କରେ ଓଡ଼ିଶା ଭଲ ପ୍ରଦର୍ଶନ କରିଛି। ବିଜେଡ଼ି ସରକାରଙ୍କ ଭଲ କାମ ବିଷୟରେ ଲୋକଙ୍କୁ ସଚେତନ କରିବା ସହ ପଦଯାତ୍ରା ସମୟରେ ବିଜେପିର ମିଛ ପ୍ରତିଶ୍ରୁତି ଲୋକଙ୍କୁ ଜଣାଇବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଲୋକଙ୍କ ସହିତ ସମ୍ପର୍କକୁ ଅଧିକ ମଜବୁତ କରିବାକୁ ହେବ। ଏଥିପାଇଁ ଦଳର ପଦଯାତ୍ରା କାର୍ଯ୍ୟକ୍ରମ ଓ ସଭ୍ୟ ସଂଗ୍ରହ ଅଭିଯାନରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବାକୁ ଶ୍ରୀ ପଟ୍ଟନାୟକ ଦଳୀୟ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ବୈଠକ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ନିରଞ୍ଜନ ପୂଜାରୀ, ବିଧାୟକ ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ପଦ୍ମନାଭ ବେହେରା, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଜଗନ୍ନାଥ ସ୍ୱାଇଁ, ମଧୁ ହୋତା, ସୋନପୁରଜିଲ୍ଲା ପରିଷଦ ସଭାପତି, ପୌରପରିଷଦ ଓ ଦୁଇ ଜିଲ୍ଲାର ବରିଷ୍ଠ ନେତୃ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ।

### ଆଇଆଇଟି ଧାନବାଦରେ ପଢ଼ିବେ ଅତୁଲ କୁମାର

## ଅର୍ଥାଭାବରୁ ୟଙ୍ଗ୍ ଟ୍ୟାଲେଣ୍ଟଙ୍କ ଭବିଷ୍ୟତ ନଷ୍ଟ ନହେଉ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩୦ ।୯**

ଆଇଆଇଟି ଧାନବାଦରେ ନାଁ ଲେଖାଇବା ସୁଯୋଗ ହରାଇଥିବା ଦଳିତ ଛାତ୍ର ଅତୁଲ କୁମାରଙ୍କ କ୍ଷେତ୍ରରେ ସୁପ୍ରିମକୋର୍ଟ ବଡ଼ ରାୟ ଦେଇଛନ୍ତି। ଏବେ ସୁପ୍ରିମକୋର୍ଟ ଅତୁଲଙ୍କୁ ଆଡମିସନର ସୁଯୋଗ ଦେବାକୁ ଆଇଆଇଟି ଧାନବାଦକୁ ନିର୍ଦ୍ଦେଶ ଦେଇଛନ୍ତି। ୧୮ ବର୍ଷୀୟ ଅତୁଲ କୁମାର ଆଇଆଇଟି ଧାନବାଦରେ ନାଁ ଲେଖାଇବା ପରୀକ୍ଷାରେ ଯୋଗ୍ୟତା ଅର୍ଜନ କରିଥିଲେ। ହେଲେ ନାଁ ଲେଖାଇବା ପାଇଁ ଧାର୍ଯ୍ୟ ସମୟ ଅନୁସାରେ ସେ ୧୭ ହଜାର ୫୦୦ ଟଙ୍କା ଜମା କରିପାରିନଥିଲେ। ସେଥିପାଇଁ ତାଙ୍କୁ ନାଁ ଲେଖାଇବାକୁ ଅନୁମତି ମିଳିନଥିଲା। ଏହା ବିରୋଧରେ ଅତୁଲ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଶେଷରେ ସୁପ୍ରିମକୋର୍ଟଙ୍କ ରାୟ ଏବେ ଅତୁଲଙ୍କ ସପକ୍ଷରେ ଯାଇଛି। କୋର୍ଟ କହିଛନ୍ତି, ଅର୍ଥ ଅଭାବରୁ ନଷ୍ଟ ନହେଉ ଯୁବ ପ୍ରତିଭାଙ୍କ ଉଜ୍ଜ୍ୱଳ ଭବିଷ୍ୟତ। ଅତୁଲଙ୍କୁ ତୁରନ୍ତ ଆଇଆଇଟି ଧାନବାଦରେ ଆଡମିସନ୍ ଦିଆଯାଉ।' ଉତ୍ତର ପ୍ରଦେଶର ମୁଜଫରନଗର ଜିଲ୍ଲାରେ ରହୁଥିବା ଅତୁଲ ଗରିବ ପରିବାରୁ ଆସନ୍ତି। ତାଙ୍କ ବାପା ଜଣେ ଦିନ ମଜୁରିଆ। ହେଲେ ଅତୁଲ ଜଣେ ମେଧାବୀ ଛାତ୍ର ହୋଇଥିବାରୁ ଜେଇଇ ପରୀକ୍ଷା ପାସ୍ କରିଥିଲେ। ଆଇଆଇଟି ଧାନବାଦରେ ଇଲେକ୍ଟ୍ରୋନିକ୍ସ





ଇଞ୍ଜିନିୟରିଂ ବିଭାଗରେ ସିଟ୍ ପାଇଥିଲେ। କିନ୍ତୁ ୨୪ ଜୁନ୍ ପର୍ଯ୍ୟନ୍ତ ଫି' ଜମା କରିପାରିନଥିବାରୁ ତାଙ୍କୁ ହରାଇବାକୁ ପଡିଥିଲା ସିଟ୍। ଅର୍ଥ ଅଭାବ ପରେ ବି ଅତୁଲ ହାର ମାନିନଥିଲେ। ସେ ଝାଡଖଣ୍ଡ ହାଇକୋର୍ଟ ଓ ତା'ପରେ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶେଷରେ ପହଁଞ୍ଚିଥିଲେ ସୁପ୍ରିମକୋର୍ଟ। ସୋମବାର ମାମଲାର ଶୁଣାଣି କରିଥିଲେ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ। କୋର୍ଟ କହିଥିଲେ, ଆମେ ଏଭଳି ଜଣେ ଯୁବ ପ୍ରତିଭାଙ୍କ ଭବିଷ୍ୟତ ଅନ୍ଧକାର ହେବାକୁ ଦେବୁନି। ସେ ଝାଡଖଣ୍ଡର ଆଇନର ଶରଣ ନେଇଥିଲେ। ତା'ପରେ ଚେନ୍ନାଇ ଆଇନ ସେବା ଓ ହାଇକୋର୍ଟ ଆସିଲେ। ଜଣେ ଦଳିତ ଛାତ୍ରଙ୍କୁ ସବୁଠି କେବଳ ଧକ୍କା ଖାଇବାକୁ ପଡିଲା।' ଅତୁଲଙ୍କ ଓକିଲ କହିଛନ୍ତି, ତାଙ୍କ ବାପା ଦିନକୁ ୪୫୦ ଟଙ୍କା ରୋଜଗାର କରନ୍ତି। ତାଙ୍କ ପାଇଁ ୧୭,୫୦୦ ଟଙ୍କା ବନ୍ଦୋବସ୍ତ କରିବା ବହୁତ ବଡ଼ କଥା। ଆଇଆଇଟି ଧାନବାଦ ଓକିଲ କହିଥିଲେ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି) ଅତୁଲଙ୍କୁ ଏସ୍‌ଏମଏସ୍ ପଠାଇଛନ୍ତି ଓ ଆଇଆଇଟି ତାଙ୍କୁ ଦୁଇଟି ହ୍ୱାଟସଆପ୍ ଚାଟ୍ ଜରିଆରେ ପେମେଣ୍ଟ କରିବାର ସୂଚନା ଦେଇଥିଲା। ସେ ସବୁଦିନ ଲଗ୍‌ଇନ୍ କରୁଥିଲେ।' ଏହାଉପରେ ଜଷ୍ଟିସ୍ ପାଦ୍ରିୱାଲ ଆଇଆଇଟି ଧାଦବାଦକୁ କହିଛନ୍ତି, ଆପଣ ଏତେ ବିରୋଧ କାହିଁକି କରୁଛନ୍ତି ? ରାସ୍ତା ବାହାର କରିବାକୁ କାହିଁକି ଚେଷ୍ଟା କଲେନି ? ସିଜେଆଇ ଚନ୍ଦ୍ରଚୂଡ କହିଛନ୍ତି, ଅତୁଲ ଜଣେ ଖୁବ୍ ମେଧାବୀ ଛାତ୍ର। ମାତ୍ର ୧୭ ହଜାର ଟଙ୍କା କାରଣରୁ ତାଙ୍କୁ ପଢିବାକୁ ରୋକାଗଲା। ସୁପ୍ରିମକୋର୍ଟ ଏହି କଥା ଉପରେ ମଧ୍ୟ ଧ୍ୟାନ ଦେଇଛନ୍ତି ଯେ, ଫି' ଜମା କରିବାର ସମୟ ସୀମା ୨୪ ଜୁନ୍ ସନ୍ଧ୍ୟା ୫ଟା ଥିଲା। ଅତୁଲଙ୍କ ବାପା-ମା ୪ଟା ୪୫ ସୁଦ୍ଧା ଫି' ବ୍ୟବସ୍ଥା କରିନେଇଥିଲେ, କିନ୍ତୁ ଯେତେବେଳେ ପେମେଣ୍ଟ କଲେ ପୋର୍ଟାଲରେ ସମସ୍ୟା ଆସିଥିଲା ଓ ପୋର୍ଟଲ ୫ଟା ବେଳେ ବନ୍ଦ ହୋଇଗଲା। ଲଗ୍ ଇନ୍ ଡିଟେଲ୍ ସହ ଅତୁଲ ନିୟମିତ ରୂପରେ ଲଗଇନ୍ କରୁଥିଲେ। ସେ ଏଭଳି କାହିଁକି କରୁଥିଲେ ତାହାର ଯଦିଓ ପ୍ରକୃତ କାରଣ ଜଣାନାହିଁ, କିନ୍ତୁ ତାଙ୍କ ପାଖରେ ଯଦି ଫି' ନଥାନ୍ତା ସେ କାହିଁକି ଏଭଳି କରିଥାନ୍ତେ ? ଆମେ ଏହା ମଧ୍ୟ ଦେଖୁଛୁ ଯେ, ୟଙ୍ଗ ଟ୍ୟାଲେଣ୍ଟଙ୍କୁ କେବଳ ଏହି କାରଣରୁ ପଛରେ ପକାଇ ହେବନି। ନିର୍ଦ୍ଦେଶ ଦେଉଛୁ ଯେ, ଆବେଦନକାରୀଙ୍କୁ ଆଇଆଇଟି ଧାନବାଦରେ ତୁରନ୍ତ ଆଡମିସନ୍ ଦିଆଯାଉ।'

## ଆଜିଠୁ "ମେରୀ ପଲିସି ମେରେ ହାଥ" ଅଭିଯାନ ଆରମ୍ଭ

**ନୂଆଦିଲ୍ଲୀ,୩୦/୯**

ଦେଶର କୃଷକମାନଙ୍କ ପାଇଁ ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା 'ମେରୀ ପଲିସି ମେରେ ହାଥଙ୍କ ଷଷ୍ଠ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଏହି ଅଭିଯାନ ମଙ୍ଗଳବାର ଠାରୁ ଆରମ୍ଭ ହେବ ଏବଂ ୩୧ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ଚାଲିବ । "ମେରୀ ପଲିସି ମେରେ ହାଥ" ଅଭିଯାନ ଅଧୀନରେ ଦେଶର ୨୧ଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ୪.୫ କୋଟିରୁ ଅଧିକ ଚାଷୀଙ୍କୁ ଫସଲ ବୀମା ପଲିସି ଡକ୍ୟୁମେଣ୍ଟ ବଣ୍ଟନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଅଭିଯାନ ଅଧୀନରେ ଏହା ନିଶ୍ଚିତ ହେବ ଯେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଥିବା ସମସ୍ତ ବୀମାଭୁକ୍ତ କୃଷକଙ୍କୁ ସେମାନଙ୍କ ପଲିସି ଡକ୍ୟୁମେଣ୍ଟ ହସ୍ତାନ୍ତର କରାଯିବ ଯାହା ଦ୍ୱାରା ସେମାନଙ୍କ ଫସଲ ବୀମା ସହ ଜଡିତ ସମସ୍ତ ତଥ୍ୟ ସେମାନଙ୍କ ପାଇଁ ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବ। "ମେରୀ ପଲିସି ମେରେ ହାଥ" ଅଭିଯାନର ଅନ୍ୟତମ ଉଦ୍ଦେଶ୍ୟ ହେଉଛି କୃଷକମାନଙ୍କୁ ସେମାନଙ୍କର ଫସଲ ବୀମା ପଲିସି ବିଷୟରେ ଅବଗତ କରାଇବା। ଯାହାଦ୍ୱାରା




କୃଷକମାନଙ୍କୁ ବୀମା ଦେୟ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । କୃଷକମାନଙ୍କୁ ସଶକ୍ତିକରଣ ଏବଂ ଉତ୍ସାହିତ କରିବା ପାଇଁ ଏହି ଅଭିଯାନ ଚାଲିଛି । ସଚେତନତା ବଢାଇବା ପାଇଁ ଭାରତ ସରକାର ଫସଲ ବୀମା ପଥଶାଳା ଆୟୋଜନ କରିବା ସହିତ ଫସଲ ବୀମା ବିଷୟରେ କମ୍ ସଚେତନତା ଥିବା ଅଞ୍ଚଳରେ ଷ୍ଟ୍ରିଟ୍ ନାଟକ ଆୟୋଜନ କରିବେ ଏବଂ କୃଷକମାନଙ୍କୁ ତାଲିମ ପ୍ରଦାନ କରିବେ ଓ ସେମାନଙ୍କ ଅଭିଯୋଗର ମୁକାବିଲା କରିବେ। ଏହି ସମ୍ପ୍ରଦାୟ ସ୍ତରୀୟ ପାରସ୍ପରିକ କ୍ରିୟା କୃଷକମାନଙ୍କୁ ଫସଲ ବୀମାର ଲାଭ ବିଷୟରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିବ ଏହି ଆୟୋଜନ। କୃଷକମାନେ ଆର୍ଥିକ ସୁରକ୍ଷା ପାଇବେ। ଜଳବାୟୁ ପରିବର୍ତ୍ତନ ଏବଂ ଅପ୍ରତ୍ୟାଶିତ ପାଣିପାଗ ପରିବର୍ତ୍ତନ ସହିତ କୃଷକମାନଙ୍କ ପାଇଁ ବିପୁଳ ଅର୍ଥନୈତିକ କ୍ଷତି ଘଟିବା ସହିତ "ମେରୀ ପଲିସି ମେରେ ହାଥ" ଅଭିଯାନ କୃଷକମାନଙ୍କ ପାଇଁ ଦୀର୍ଘକାଳୀନ ଆର୍ଥିକ ନିରାପତ୍ତାର ଗୁରୁତ୍ୱକୁ ସୂଚିତ କରିବାକୁ ଲକ୍ଷ୍ୟ ରଖିଛି। ଜଳବାୟୁରେ ପରିବର୍ତ୍ତନ ହେତୁ ଅପ୍ରତ୍ୟାଶିତ ବିପଦ ଏବଂ କ୍ଷତି ହ୍ରାସ କରିବା ପାଇଁ ଫସଲ ବୀମା ଗୁରୁତ୍ୱପୂର୍ଣ୍ଣ, ଯାହାଦ୍ୱାରା କୃଷକଙ୍କ ଆୟ ସୁରକ୍ଷିତ ରହିବ ଏବଂ ସେମାନଙ୍କର ଜୀବିକା ବଜାୟ ରହିବ । ଚଳିତ ବର୍ଷ ୯ କୋଟିରୁ ଅଧିକ କୃଷକଙ୍କ ଆବେଦନ ଗ୍ରହଣ କରାଯାଇଛି । ଖରିଫ ୨୦୨୩ରେ ୮.୬୫ କୋଟି ବୀମା ଆବେଦନ ଗ୍ରହଣ କରାଯାଇଥିଲା ଏବଂ ଚଳିତ ବର୍ଷ ୯ କୋଟିରୁ ଅଧିକ ଆବେଦନ ଗ୍ରହଣ କରାଯାଇଥିଲା ଯାହା ଏକ ମହତ୍ୱପୂର୍ଣ୍ଣ ବୃଦ୍ଧି ଏବଂ ଫସଲ ବୀମା ଯୋଜନାରେ କୃଷକଙ୍କ ଆଗ୍ରହ ଏବଂ ଆତ୍ମବିଶ୍ୱାସକୁ ପ୍ରତିଫଳିତ କରିଥାଏ ଏହି ଯୋଜନା।

### କୋଲ୍ ଇଣ୍ଡିଆ ଅଫିସ ଆଗରେ ପ୍ରତିବାଦ ମାମଲା

## ଦୀପାଳି ଦାସଙ୍କୁ ଆଗୁଆ ଜାମିନ ଦେଲେ ହାଇକୋର୍ଟ

**କଟକ, ୩୦ । ୯ ନ୍ୟୁଜ ବ୍ୟୁରୋ**

କୋଲ୍ ଇଣ୍ଡିଆ ଅଫିସ ସାମ୍ନାରେ ପ୍ରତିବାଦ ଘଟଣାରେ ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କୁ ମିଳିଲା ଆଗୁଆ ଜାମିନ। ଆଗୁଆ ଜାମିନ ମଞ୍ଜୁର କଲେ ହାଇକୋର୍ଟ। ସୂଚନା ଥାଉକି, କୋଲ ଇଣ୍ଡିଆ ଅଫିସ ସାମ୍ନାରେ ପ୍ରତିବାଦ ଧାରଣା ଘଟଣାରେ ତେଲକୋଇ ଥାନାରେ ମାମଲା ରୁଜୁ ହୋଇଥିଲା। ଯେଉଁଥିରେ ସରକାରୀ



କର୍ମଚାରୀଙ୍କୁ କାର୍ଯ୍ୟରେ ବାଧା ଦେବା ଅଭିଯୋଗ ହୋଇଥିଲା। ଆଉ ଏହି ମାମଲାର ଶୁଣାଣି କରି ଆଗୁଆ ଜାମିନ ଦେଇଛନ୍ତି ହାଇକୋର୍ଟ। ୩ ସପ୍ତାହ ମଧ୍ୟରେ ନିମ୍ନ ଅଦାଲତରେ ହାଜର ହୋଇ ଜାମିନରେ ଯାଇପାରିବେ।

## ଏସ୍‌ସିବି ବାୟୋକେମିଷ୍ଟ୍ରି ବିଭାଗକୁ ରାଜ୍ୟ ଗବେଷଣା କେନ୍ଦ୍ର ମାନ୍ୟତା

**କଟକ, ୩୦/୦୯ ନ୍ୟୁଜ ବ୍ୟୁରୋ**

ହେମାଟୋଲୋଜି ପରେ ଏସ୍‌ସିବି ବାୟୋକେମିଷ୍ଟ୍ରି ବିଭାଗକୁ ରାଜ୍ୟ ଗବେଷଣା କେନ୍ଦ୍ରର ମାନ୍ୟତା ଦେଇଛି ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ। ପୁରୀ ଜୟ ଜଗନ୍ନାଥ ମେଡିକାଲ କଲେଜରେ ଆୟୋଜିତ ରାଜ୍ୟ ବାୟୋକେମିଷ୍ଟ୍ରି ଆସୋସିଏସନ୍‌ର ବାର୍ଷିକ ଉତ୍ସବରେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓୟୁଏଚ୍‌ଏସ୍) କୁଳପତି ପ୍ରଫେସର ଡାକ୍ତର ମାନସରଞ୍ଜନ ସାହୁ ଏହି ଘୋଷଣା କରିଛନ୍ତି। ଫଳରେ ୧୯୬୩ରେ ଆରମ୍ଭ ହୋଇଥିବା ଏସ୍‌ସିବି ବାୟୋକେମିଷ୍ଟ୍ରି ବିଭାଗରେ ପିଏଚ୍‌ଡି ପାଠ୍ୟକ୍ରମ ପାଇଁ ବାଟ ଫିଟିଛି।

## ୧ କ୍ୟୁଣ୍ଟାଲରୁ ଅଧିକ କଇଁଛ ଜବତ : ୨ ଅଟକ

**ଚିତ୍ରକୋଣ୍ଡା, ୩୦/୯ ନ୍ୟୁଜ ବ୍ୟୁରୋ**

ଚୋରା ଚାଲାଣ ହେଉଥିଲା କ୍ୟୁଣ୍ଟାଲ କ୍ୟୁଣ୍ଟାଲ କଇଁଛ। ଚଢ଼ଉ କରି ଜବତ କରିବା ସହ ଦୁଇ ଜଣଙ୍କୁ ଅଟକ ରଖିଲା ବନ ବିଭାଗ। ସୂଚନା ଅନୁଯାୟୀ, ସୋମବାର ଚିତ୍ରକୋଣ୍ଡା ରାଜୁଲୁକୋଣ୍ଡା ନିକଟରୁ ବିପୁଳ ପରିମାଣର କଇଁଛ ଜବତ କରିଛି ବନ ବିଭାଗ। ଏସବୁ କଇଁଛକୁ ଏକ ପିକ୍‌ଅପ୍ ଯୋଗେ ଆନ୍ଧ୍ରରୁ ଓଡ଼ିଶା କାଳିମେଳା– ୭୯ ଗାଁକୁ ଚୋରା ଚାଲାଣ କରାଯାଉଥିଲା। ସୂଚନା ପାଇ ଚିତ୍ରକୋଣ୍ଡା ବନ ବିଭାଗ ଗାଡ଼ିକୁ ଯାଞ୍ଚ କରିବା ସହ ପ୍ରାୟ ୧ କ୍ୟୁଣ୍ଟାଲରୁ ଅଧିକ କଇଁଛ ଜବତ କରିଛି। ଏସବୁ କଇଁଛକୁ ଗାଡ଼ିରେ ସୋଲ ପେଟି ଓ ଅଖାରେ ଭର୍ତ୍ତି କରି ଚାଲାଣ କରାଯାଉଥିଲା। ତେବେ ଏହି ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛି ପୋଲିସ।

## ଭୁବନେଶ୍ୱରରୁ ବିପୁଳ ପରିମାଣର ଗଞ୍ଜେଇ ଜବତ

**ଭୁବନେଶ୍ୱର, ୩୦/୯ ନ୍ୟୁଜ ବ୍ୟୁରୋ**


କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟକୁ ବଡ଼ ସଫଳତା। ରାଜଧାନୀ ଭିତରକୁ ଗଞ୍ଜେଇ ଚାଲାଣ ବେଳେ ମାଡି ବସିଲା ସ୍ପେଶାଲ କ୍ରାଇମ ୟୁନିଟ। ଦଶହରା ବେଳେ ବିଭିନ୍ନ ସ୍ଥାନରେ ଡିଲ୍ ପାଇଁ ହୋଇଥିଲା ଯୋଜନା। ଟାର୍ଗେଟରେ ଥିଲେ କିଛି ପ୍ରତିଷ୍ଠିତ କଲେଜର ଇଞ୍ଜିନିୟରିଂ ଛାତ୍ର। ବିଶେଷ ସୂତ୍ରରୁ ଖବର ପାଇବା ପରେ ରାଜଧାନୀ ଉପକଣ୍ଠ ଗଙ୍ଗପଡା ଠାରେ ଏକ ସୁଇଫ୍ଟ ଡିଜେଆର କାର୍‌ରେ ୧ କ୍ୟୁଣ୍ଟାଲରୁ ଅଧିକ ଗଞ୍ଜେଇ ପ୍ୟାକେଟ ଜବତ କରିଥିଲା ପୋଲିସ । ଶେଷରେ କାଇମାଟିଆ ପାଟଣା ନିକଟରେ ଗଞ୍ଜେଇ ଭର୍ତ୍ତି ଗାଡିଟିକୁ ଜବତ କରାଯାଇଥିଲା।

## ପ୍ରଭାବଶୂନ୍ୟ ହେଉଛି ଆଣ୍ଟିବାୟୋଟିକ୍ : ୨୫% ରୋଗୀଙ୍କ କ୍ଷେତ୍ରରେ କାମ କରୁନି

**ନୂଆଦିଲ୍ଲୀ, ୩୦/୦୯**

ରୋଗରୁ ଶୀଘ୍ର ଆଶ୍ୱସ୍ତି ଦେବା ଲାଗି ବଜାରରେ ଉପଲବ୍ଧ ହେଉଥିବା ଆଣ୍ଟିବାୟୋଟିକ ଏବେ ପ୍ରଭାବଶୂନ୍ୟ ହେଉଛି । ସିସିୟୁ ଏବଂ ଭେଣ୍ଟିଲେଟରରେ ଥିବା ୨୫% ରୋଗୀଙ୍କ କ୍ଷେତ୍ରରେ ଆଣ୍ଟିବାୟୋଟିକ କାମ ଦେଉନଥିବା ଅଭିଯୋଗ ହୋଇଛି। ୨ରୁ ୫% ବ୍ୟାକ୍ଟେରିଆ କ୍ଷେତ୍ରରେ ଆଣ୍ଟି ବାୟୋଟିକ୍ କାମ କରିବା ବନ୍ଦ ହୋଇଯାଇଛି । ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ରିପୋର୍ଟରେ ଏଭଳି ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି । ଆଣ୍ଟି ମାଇକ୍ରୋବିୟଲ ରେଜିଷ୍ଟାନ୍ସ ସର୍ଭେଲାନ୍ସ ନେଟୱାର୍କ ରିପୋର୍ଟରେ କୁହାଯାଇଛି, ୟୁରିନାରୀ ଟ୍ରାକ୍ ସଂକ୍ରମଣ, ନିମୋନିଆ, ଟାଇଫଏଡ୍ ଏବଂ ରକ୍ତ ସଂକ୍ରମଣ ଭଳି ରୋଗ କ୍ଷେତ୍ରରେ ଆଣ୍ଟି ବାୟୋଟିକ୍ ଏତେଟା ପ୍ରଭାବୀ ହେଉନି । ଦିଲ୍ଲୀ ଏମ୍ସର ଜରୁରୀକାଳୀନ ବିଭାଗ ମୁଖ୍ୟ ପ୍ରଫେସର ରାକେଶ ଯାଦବ କହିଛନ୍ତି, ଆଣ୍ଟିବାୟୋଟିକ୍ସ ପ୍ରଭାବ କମିବା ଯୋଗୁ ରୋଗୀଙ୍କୁ ଏବେ ବିଭିନ୍ନ ଆଣ୍ଟି ବାୟୋଟିକ ଦିଆଯାଉଛି । ଏହି ମେଡିସିନ ଗୁଡିକ ୮ରୁ ୧୦ ଗୁଣ ମହଙ୍ଗା ହୋଇଛି। ସେହିଭଳି ରୋଗୀ ଡାକ୍ତରଖାନାରେ ଅଧିକ ଦିନ ରହୁଥିବାରୁ ଚିକିତ୍ସା ଖର୍ଚ୍ଚ ମଧ୍ୟ ବଢ଼ିଯାଉଛି । ୨୦୦ ଦେଶକୁ ନେଇ ହୋଇଥିବା ଏକ ଅଧ୍ୟୟନରେ କୁହାଯାଇଛି ଯେ, ଆଣ୍ଟିବାୟୋଟିକ୍ସ ନିୟନ୍ତ୍ରଣ କରାନଗଲେ ସ୍ଥିତି ବିଗିଡିବ । ୨୦୫୦ ବେଳକୁ ପ୍ରତିବର୍ଷ ୨୦ଲକ୍ଷ ଲୋକ ଆଣ୍ଟିବାୟୋଟିକ ରେଜିଷ୍ଟାନ୍ସ ସମସ୍ୟା ଯୋଗୁ ମୃତ୍ୟୁମୁଖରେ ପଡିବେ । ୮୦ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ମେଡିସିନର ରେଜିଷ୍ଟାନ୍ସ ସମ୍ପର୍କିତ ରୋଗ ଯୋଗୁ ହେଉଛି । ଏବେ ଆଣ୍ଟିବାୟୋଟିକ୍ସର ବ୍ୟବହାର ବହୁଳ ଭାବେ ହେଉଛି । ସାଧାରଣ ଥଣ୍ଡା ଏବଂ କାଶ ପାଇଁ ମଧ୍ୟ ଏହାର ବ୍ୟବହାର ହେଉଛି । ଏ କ୍ଷେତ୍ରରେ ଏହାର କୌଣସି ଆବଶ୍ୟକ ନ ଥିଲେ ମଧ୍ୟ ଆଣ୍ଟିବାୟୋଟିକ ବ୍ୟବହାର ହେଉଥିବା ନଜରକୁ ଆସୁଛି । ଆଣ୍ଟିବାୟୋଟିକର ସମ୍ପୂର୍ଣ୍ଣ ଡୋଜ ନ ନେଲେ ମଧ୍ୟ ଏଥିରେ ରେଜିଷ୍ଟାନ୍ସ ସମସ୍ୟା ଉପୁଜିବାର ଢ଼େର ଆଶଙ୍କା ରହିଛି । ଏଭଳି ମେଡିସିନଗୁଡିକର ଅବଧି ଶେଷ ହେବା ପରେ ଏଗୁଡିକୁ ଖୋଲାରେ ଫୋପାଡି ଦେବା ଫଳରେ ଏହା ପରିବେଶକୁ ଯାଇ ସେଭଳି ବ୍ୟାକ୍ଟେରିଆ ବିରୋଧରେ ଶରୀରରେ ରେଜିଷ୍ଟାନ୍ସ ସମସ୍ୟା ସୃଷ୍ଟି କରେ । ଆଣ୍ଟିବାୟୋଟିକର ଠିକ୍ ବ୍ୟବହାର ଏବଂ ଏହାର ଠିକ୍ ପରିଚାଳନା ନେଇ ସରକାରଙ୍କୁ ନୀତିଗତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି ।


DSPL-128





ପ୍ରତିବର୍ଷ ଅକ୍ଟୋବର ୧ ତାରିଖକୁ ସାରା ଦେଶରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଭାବରେ ପାଳନ କରାଯାଉଛି । ଏହି ଅବସରରେ ସମସ୍ତ ରକ୍ତଦାତା ଏବଂ ଏହି ମହତ କାର୍ଯ୍ୟ ସହ ଜଡ଼ିତ ଅନୁଷ୍ଠାନମାନଙ୍କୁ ମୋର ଧନ୍ୟବାଦ ଜଣାଉଛି ।

ରକ୍ତଦାନ ଏକ ମହତ ଦାନ । ରକ୍ତ ଅଭାବରୁ ଅକାଳରେ ଝରି ପଡୁଥିବା ବହୁମୂଲ୍ୟ ଜୀବନକୁ ରକ୍ତଦାନ ମାଧ୍ୟମରେ ବଞ୍ଚାଯାଇ ପାରୁଛି । ରକ୍ତର ଆବଶ୍ୟକତାକୁ ପୂରଣ କରିବାପାଇଁ ରାଜ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନକୁ ବ୍ୟାପକ କରାଯିବା ଆବଶ୍ୟକ । ଏଥିପାଇଁ ସବୁ ସ୍ତରରେ ଜନ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ।

ଆସନ୍ତୁ, ଆଜିର ଏହି ପୁଣ୍ୟ ଦିବସରେ ନିୟମିତ ଭାବେ ସ୍ୱେଚ୍ଛାକୃତ ରକ୍ତଦାନ କରିବା ପାଇଁ ସଂକଳ୍ପ ନେବା ଏବଂ ଅନ୍ୟମାନଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା




ଅକ୍ଟୋବର ୧ ତାରିଖରେ ଅନୁଷ୍ଠିତ ହେଉଥିବା ଜାତୀୟ ରକ୍ତଦାନ ଦିବସ ଅବସରରେ ଆମ ରାଜ୍ୟର ସମସ୍ତ ରକ୍ତଦାତା ଏବଂ ଏହିଭଳି ଏକ ମହତ କାର୍ଯ୍ୟରେ ସାମିଲ୍ ହୋଇ କାର୍ଯ୍ୟକ୍ରମକୁ ସୁପରିଚାଳନା କରୁଥିବା ସମସ୍ତ ଅନୁଷ୍ଠାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ରକ୍ତଦାନ ଏକ ମହାପୁଣ୍ୟ । ରକ୍ତର ଚାହିଦା ପ୍ରତ୍ୟେକ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ବଢ଼ି ବଢ଼ି ଯାଉଛି । ରକ୍ତର କୌଣସି ବିକଳ୍ପ ଆଧୁନିକ ଚିକିତ୍ସାରେ ବାହାରିନାହିଁ । ଆମ ରାଜ୍ୟରେ ଆବଶ୍ୟକ ପଡୁଥିବା ତିନି ଚତୁର୍ଥାଂଶରୁ ଅଧିକ ରକ୍ତ ସ୍ୱେଚ୍ଛାକୃତ ରକ୍ତଦାନ ମାଧ୍ୟମରେ ସଂଗ୍ରହ କରାଯାଉଥାଏ । ୧୮ ରୁ ୬୫ ବର୍ଷର ଯେ କୌଣସି ସୁସ୍ଥ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିପାରିବେ । ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହିତ ଅନ୍ୟର ଜୀବନ ବଞ୍ଚାଇବାରେ ସହାୟକ ହେବେ । ଆଜିର ଦିନରେ ମୁଁ ସମସ୍ତ ରକ୍ତଦାତାଙ୍କୁ କୃତଜ୍ଞତା ଜଣାଉଛି ।

ଆସନ୍ତୁ, ଆଜି ଆମେ ଶପଥ ନେବା ଯେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିବା ସହିତ, ରକ୍ତର ଆବଶ୍ୟକତାକୁ ପୂରଣ କରିବାପାଇଁ ନିଜର ପରିବାର, ବନ୍ଧୁବାନ୍ଧବ ଏବଂ ଜନସାଧାରଣଙ୍କୁ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିବା ପାଇଁ ପ୍ରବର୍ତ୍ତାଇବା ଓ ଅନ୍ୟର ଜୀବନ ବଞ୍ଚାଇବା ପାଇଁ ଉଦ୍ୟମ କରିବା ।

ଡ଼. ମୁକେଶ ମହାଲିଙ୍ଗ
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର
ବୈଦ୍ୟୁତିକ ଅଣୁ ବିଜ୍ଞାନ ତଥା ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା

OIPR-10080/13/0002/2425